# ମାରାତ୍ମକ ଡାକ୍ତରାଣୀଙ୍କ ଭୟଙ୍କର ଡାଇଗ୍ନୋସିସ୍, ମା' ମଲା, ପ୍ରେମିକ ଛାଡିଦେଲା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଡାକ୍ତରମାନେ ମଧ୍ୟ ବେଳେବେଳେ ଏଭଳି ଅଜବ ପ୍ରକାରର ଭୁଲ କାର୍ଯ୍ୟ କରିଥାନ୍ତି ଏବଂ ସେମାନଙ୍କର ଭୁଲ ଲୋକଙ୍କ ଜୀବନରେ ଖରାପ ହୋଇଯାଇଥାଏ। ତେବେ ଟିକ୍‌ଟକ୍ ବ୍ୟବହାରୀ ଜଣେ ୟୁଜର ସହିତ ମଧ୍ୟ ସମାନ ଘଟଣା ଘଟିଛି। ଏହି ଘଟଣା କେବଳ ତାଙ୍କ ଜୀବନକୁ ଓଲଟପାଲଟ କରିନଥିଲା, ବରଂ ତାଙ୍କ ମା'ଙ୍କୁ ସବୁଦିନ ପାଇଁ ତାଙ୍କ ଠାରୁ ଛଡାଇ ନେଇଥିଲା।




ସୂଚନା ଅନୁସାରେ ମହିଳା ଜଣକ ତାଙ୍କ ଚେକ୍‌ଅପ୍ ପାଇଁ ମହିଳା ଡାକ୍ତରଙ୍କୁ ଭେଟିଥିଲେ। ୨୦ ବର୍ଷ ଧରି ଅଭ୍ୟାସ କରୁଥିବା ପ୍ରସୂତି ରୋଗ ବିଶେଷଜ୍ଞ ତାଙ୍କୁ କହିଥିଲେ ଯେ, ସେ ଏଚ୍.ଆଇ.ଭି. ପଜିଟିଭ୍। ଏହା ଶୁଣି ମହିଳାଙ୍କ ପାଦତଳେ ଭୂମି ଖସିଗଲା। ସେ ଏହା ବିଶ୍ୱାସ କରି ପାରିଲେ ନାହିଁ। ଏହି ସମୟରେ ତାଙ୍କ ମା ହିଷ୍ଟିରିଆର ତାଙ୍କ ମା' ଶିକାର ହୋଇଥିଲେ। ଯେତେବେଳେ ତାଙ୍କ ଝିଅ ବିଷୟରେ ଜାଣିବାକୁ ପାଇଲେ ସେ ଶକ୍ତ ଧକ୍କା ଲାଗିଥିଲା ଯାହା ପରେ ତାଙ୍କର ମୃତ୍ୟୁ ହୋଇଥିଲା। କେବଳ ଏତିକି ନୁହେଁ, ମହିଳାଙ୍କ ଏହି ରୋଗ ବିଷୟରେ ଜାଣି ତାଙ୍କ ପ୍ରେମିକା ମଧ୍ୟ ତାଙ୍କୁ ଛାଡି ଚାଲି ଯାଇଥିଲା।

ଅନ୍ୟପଟେ, ସେ କହିଛନ୍ତି କି ଡାକ୍ତର ମୋତେ କହିଥିଲେ ଯେ ଆମେ ଚେଷ୍ଟା କରିବୁ ଯେ ଆପଣ ଯଥାସମ୍ଭବ ଅଧିକ ଦିନ ବଞ୍ଚିବେ। ଏହା ଶୁଣି ମୁଁ ଦୀର୍ଘ ସମୟ ଧରି ଚକିତ ହୋଇଗଲି। ଏହାର ଅନେକ ସପ୍ତାହ ପରେ ମୁଁ ଅନ୍ୟ ଡାକ୍ତରମାନଙ୍କ ଦ୍ୱାରା ଅନେକ ପରୀକ୍ଷା କରିଥିଲି। ପରେ ଜଣାପଡିଲା ଯେ ମୋର କୌଣସି ରୋଗ ନାହିଁ। ଏପରିକି ସେ କହିଛନ୍ତି ଯେ ତାଙ୍କୁ କେଉଁ ଆଧାରରେ ଆପଣଙ୍କୁ ଏଚ୍‌ଆଇଭି ପଜିଟିଭ୍ ବୋଲି କୁହାଯାଇଛି। ତେବେ ରିପୋର୍ଟଗୁଡିକ ସ୍ପଷ୍ଟ ଭାବରେ କହୁଛି ଯେ ଆପଣଙ୍କର ଏପରି କୌଣସି ରୋଗ ନାହିଁ। ଏହା ପରେ ମୁଁ ପୁଣି ମହିଳା ଡାକ୍ତରଙ୍କ ନିକଟକୁ ଗଲି। ତା'ପରେ ସେ କହିଥିଲେ ଯେ ମୁଁ ଜାଣି ଶୁଣି ଏଚ୍‌ଆଇଭି ନୁହଁନ୍ତି। ଟିକ୍‌ଟକ୍ ବ୍ୟବହାରକାରୀଙ୍କ ଦ୍ୱାରା ସେୟାର ହୋଇଥିବା ଏହି ଭିଡିଓକୁ ବର୍ତ୍ତମାନ ପର୍ଯ୍ୟନ୍ତ ୮୭୪ହଜାରରୁ ଅଧିକ ଥର ଦେଖାଯାଇଛି। ଏହା ସହିତ ବହୁ ସଂଖ୍ୟକ ଲୋକ ମଧ୍ୟ ଏହା ଉପରେ ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ଜଣେ ୟୁଜର୍ସ କହିଛନ୍ତି, ମୁଁ କଳ୍ପନା କରିପାରୁନାହିଁ ଯେତେବେଳେ ଏହି ସବୁ ଘଟିଲା ତୁମେ କିପରି ଅନୁଭବ କରିଥିଲ? ଅନ୍ୟ ଜଣେ କହିଲେ, ମୁଁ ଅନ୍ୟ କେତେକ ଲୋକଙ୍କୁ ଜାଣେ, ଯେଉଁମାନେ ଭୁଲ ଭାବରେ ଡାଇଗ୍ନୋସିସ୍ କରନ୍ତି, ଗୋଟିଏ ଅଧିକ ଡାକ୍ତରଙ୍କ ପରାମର୍ଶ ନେବା ଭଲ।

# ଜଗତସିଂହପୁର ଜିଲ୍ଲାରେ ୨ ଓଏଏସ୍

**ଜଗତସିଂହପୁର/ପାରାଦ୍ୱୀପ(ସଂପର୍କବାର୍ତ୍ତା):-** ଜଗତସିଂହପୁର ପୌରାଞ୍ଚଳର ଓହଳ ଗ୍ରାମର ଅବଦୁଲ ଜବାର ଖାଁନ୍‌ଙ୍କ ଝିଅ ସାହିନ୍ ନାଜ୍ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୫୬ନମ୍ବର ର୍‍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି।ସାହିନ୍ ନାଜ ଜଗତସିଂହପୁର ପବ୍ଲିକ ସ୍କୁଲର ପ୍ରଥମେ ହାଇସ୍କୁଲ ପାଠ୍ୟକ୍ରମ ପରେ ଜିଲ୍ଲାର ସର୍ବବୃହତ ମହାବିଦ୍ୟାଳୟ ସ୍ୱାମୀ ବିବେକା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପାଠ୍ୟକ୍ରମ ସରିବା ପରେ ସେ ଓଡିଶା ପ୍ରଶାସନିକ ସେବା ପାଇଁ ବାଜି ରାଉତ


ସାଇ ସାଲୋନୀ    ସାହିନ୍ ନାଜ୍

ଆଇଏଏସ୍ ଏକାଡେମୀରେ କୋଚିଙ୍ଗ ନେଇ ଓଡିଶା ପ୍ରଶାସନିକ ସେବା ପାଇଁ ପରୀକ୍ଷା ଦେଇଥିଲେ।

ସେହିପରି ପାରାଦ୍ୱୀପ ପୌରପାଳିକାରେ ସାନିଟାରୀ ସୁପରଭାଇଜର ଭାବେ କାର୍ଯ୍ୟରତ ପ୍ରବୀର କୁମାର ମହାପାତ୍ର ଓ ତାଙ୍କ ପତ୍ନି ପ୍ରଶାନ୍ତି ମହାପାତ୍ରଙ୍କ ବଡ ଝିଅ ସାଇ ସାଲୋନୀ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଛନ୍ତି। ୬୪ ନମ୍ବର ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ୨୦୨୧ରେ ଓପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜଣେ ଯୋଗାଣ ଅଧିକାରୀ ଭାବେ ଏବେ ମାହାଙ୍ଗାରେ କାର୍ଯ୍ୟରତ ଥିବା ସାଇ ସଲୋନୀ ଏବେ ଜଣେ ଓଏଏସ୍ ଅଧିକାରୀ ହୋଇପାରିଛନ୍ତି।

# ଆମେରିକାର ଗୁଇନ୍ଦା ଏଜେଣ୍ଟଙ୍କୁ ଖୋଜି ଖୋଜି ମାରୁଛନ୍ତି ଚିନ୍ ଓ ପାକିସ୍ତାନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସାରା ବିଶ୍ୱରେ ଆମେରିକାର ଗୁଇନ୍ଦା ସଂସ୍ଥା ସିଆଇଏ ସବୁଠାରୁ ଶକ୍ତିଶାଳୀ ବିବେଚିତ ହେଉଥିବାବେଳେ ଏବେ ଏହି ସଂସ୍ଥା ଗୁପ୍ତଚର ବୃତ୍ତି କରୁଥିବା ବ୍ୟକ୍ତିମାନଙ୍କ ଜୀବନ ପ୍ରତି ଘୋର ବିପଦ ଦେଖାଦେଇଛି। ବିଗତ କିଛି ବର୍ଷ ମଧ୍ୟରେ ସିଆଇଏର ଏଜେଣ୍ଟମାନଙ୍କୁ ଜଣକ ପରେ ଜଣେ ହତ୍ୟା କରାଯାଉଛି। ଏହା ପଛରେ ପାକିସ୍ତାନ ଓ ଚୀନର ମୁଖ୍ୟ ହାତ ରହିଥିବା ଜଣାପଡିଛି। ବିଶେଷ କରି ସିଆଇଏ ପକ୍ଷରୁ ଅନ୍ୟ ରାଷ୍ଟ୍ରମାନଙ୍କରେ ଏହା ପାଇଁ ଗୁପ୍ତଚର ବୃତ୍ତି କରିବାକୁ ନିୟୋଜିତ କରାଯାଉଥିବା ବ୍ୟକ୍ତିମାନଙ୍କୁ ଧରି ନିଆଯାଇ ହତ୍ୟା କରାଯାଉଛି ଅଥବା ସେମାନଙ୍କ ନିକଟରୁ ଗୁଇନ୍ଦା ତଥ୍ୟ ସଂଗ୍ରହ କରାଯାଉଥିବା ସିଆଇଏ ପକ୍ଷରୁ କୁହାଯାଇଛି। ଏଥିପାଇଁ ସିଆଇଏ ଏଜେଣ୍ଟମାନେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ଏହି ସଂସ୍ଥା ସାରା ବିଶ୍ୱରେ ଥିବା ତାହାର ଏଜେଣ୍ଟମାନଙ୍କୁ ସୂଚନା ପଠାଇଛି।

ତାହାସହିତ ସଂପ୍ରତି ଏହି ସଂସ୍ଥା ବିଶ୍ୱରେ ବିଭିନ୍ନ କଷ୍ଟକର କାର୍ଯ୍ୟ ପରିବେଶରେ ତାହାର ଗୁପ୍ତଚର ନିଯୁକ୍ତି ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ମଧ୍ୟ ଜଣାଯାଇଛି। ଏହା କହିଛି ଯେ କେତେକ ସମୟରେ ଏହାର ଏଜେଣ୍ଟମାନଙ୍କୁ ତାହାର ଶତ୍ରୁପକ୍ଷ ଧରିନେବା ସପରେ ସେମାନଙ୍କୁ ଗିରପ ନକରି ବା ହତ୍ୟା ନ କରି ବରଂ ସିଆଇଏକୁ ଭୁଲ ସୂଚନା ଦେବା କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଆଫଗାନିସ୍ତାନରେ ଆମେରିକା ସମର୍ଥିତ ସରକାରର ପତନ ପରେ ତାଲିବାନ ସରକାର ପାକିସ୍ତାନର ସମ୍ପର୍କ ଅନ୍ୟାନ୍ୟ ଆତଙ୍କି ସଂଗଠନ ସହିତ ଇସଲାମାବାଦ ସମ୍ପର୍କ ବିଷୟରେ ଜାଣିବା ଆମେରିକା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ତେବେ ପାକିସ୍ତାନରେ ଏଥି ପାଇଁ ଗୁପ୍ତଚର ନିଯୁକ୍ତ କରିବା ଏବଂ ସେମାନଙ୍କ ନିକଟରୁ ସଠିକ୍ ସୂଚନା ହାସଲ କରିବା ଏବେ ସିଆଇଏ ପାଇଁ ଗୁରୁ ଦାୟିତ୍ୱ ହୋଇଛି। ଅନେକ ସମୟରେ ଭୁଲ ସୂଚନା କାରଣରୁ ସିଆଇଏ ଏବଂ ଆମେରିକା ପ୍ରତିରକ୍ଷା ବାହିନୀକୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ମଧ୍ୟ ପଡୁଛି। ସଂପ୍ରତି ଚୀନ ଓ ପାକିସ୍ତାନ ମିଳିତ ଭାବରେ ଆମେରିକାର ଗୁପ୍ତଚରମାନଙ୍କୁ ଖୋଜ ଖୋଜି ହତ୍ୟା କରୁଥିବା ଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସମ୍ମୁଖକୁ ଆସିଛି।

# ଦୁଇ ବଡିବିଲ୍ଡର୍ ଓଡ଼ିଶା ଦୁଲକାଇଲେ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପୁଣି ଚମକିଲେ ୨ ଓଡ଼ିଆ ପୁଅ। ତାସକେଣ୍ଟ ଉଜବେକିସ୍ତାନରେ ୧୨ତମ ବିଶ୍ୱ ବଡି ବିଲ୍ଡିଂ ଏବଂ ଫିଜିକ୍ ସ୍ପୋର୍ଟସ୍ କମ୍ପିଆନସିପ୍ ଆୟୋଜିତ ହୋଇଯାଇଛି। ୧ମରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଚନ୍ଦନ ସାହୁ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏବଂ ଶୁଭମ୍ ମିଶ୍ରଯର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨ ଓଡ଼ିଆ ପୁଅଙ୍କୁ ବିଭିନ୍ନ ସଂଗଠନ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବାପୁଜୀନଗର ହୋଟେଲ୍ ଭେନସ୍‌ରେ ଓଡ଼ିଶା ବଡି ବିଲ୍ଡିଂ ଆସୋସିଏସନ୍ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଚନ୍ଦନ ସାହୁ ଓ ଶୁଭମ୍ ମିଶ୍ରଙ୍କୁ ସମ୍ମାନିତ କରାଯାଇଛି।




## ପ୍ରଥମ ପୃଷ୍ଠାରୁ ...

### କଂଗ୍ରେସର...

ମଧ୍ୟ କେଁ ପଶିଛି। ତେବେ ଏପରି ସମୟରେ ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତା ରହିଥିବା ନେଇ ମଧ୍ୟ ଦଳ ମଧ୍ୟରେ ନିଆଁ କୁହୁଳିଲାଣି। ଏମିତିକି ମଧ୍ୟ କଂଗ୍ରେସର ଘଟିଛି ଯେ ନେତୃତ୍ୱ ପରିବର୍ତ୍ତନ ପରେ ଆହୁରି ବିପର୍ଯ୍ୟସ୍ତ ହୋଇପଡିଛି ଦଳର ଅବସ୍ଥା। ତେଣୁ ମୁଖିଆ ପରିବର୍ତ୍ତନ ଏବଂ ବିରୋଧୀ ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବା ନେଇ ଦଳର କୋର୍ କମିଟି କିଛି ସେଭଳି ନେତାଙ୍କ ନାଁ ତାଲିକାରେ ଫିକ୍ସ କରିବାକୁ ଯାଉଛି। ସେପଟେ ଜି-୨୩ ନେତା ଯଦି ଏହାରି ଭିତରେ ଦଳ ପାଇଁ ବିସ୍ଫୋରକ ସାଜିବାକୁ ଯାଉଥିବା ଚର୍ଚ୍ଚା ହେଉଛି।

### ବିପଦପୂର୍ଣ୍ଣ...

ପୂରଣ ହେବା ଅବସରରେ ଏକ ସାକ୍ଷାତ୍‌କାରରେ ଶାହା ଏଭଳି କହିଛନ୍ତି। ଗୁଜୁରାଟରେ ଭାଜପାର ସ୍ଥିତି ଦୁର୍ବଳ ଥିଲା। ପ୍ରଧାନମନ୍ତ୍ରୀ ସେଠାରେ ଭାଜପାର ଦୁର୍ଗ ନିର୍ମାଣ କରିଛନ୍ତି। ସମସ୍ତଙ୍କ କଥା ଧୈର୍ଯ୍ୟର ସହ ଶୁଣିବା ପରେ ମୋଦି ନିର୍ଣ୍ଣୟ ନେଇଥାନ୍ତି। ଜଣେ ସାଧାରଣ ଲୋକଙ୍କ କଥା ମଧ୍ୟ ତାଙ୍କ ପାଇଁଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ ସେ ସମସ୍ତେ କହିସାରିବା ପରେ ଭାବିଚିନ୍ତି ନିଷ୍ପତ୍ତି ଗ୍ରହଣ କରୁଥିବା ଶାହା କହିଛନ୍ତି।

### 'ନିର୍ଭୟ'...

ଅଭିଯୋଗ ହୋଇଥିଲା। ତେବେ ସ୍ଥାନୀୟ ଗ୍ରାମବାସୀ ପ୍ରଥମେ ମୃତ ଦେହଟି ଭାସୁଥିବାର ଦେଖିଥିଲେ। ପରେ ଏ ନେଇ ତମାଣ୍ଡୋ ପୋଲିସ୍‌କୁ ସୂଚନା ଦିଆଯାଇଥିଲା। ମୃତ ଦେହ ଭାସିବା ଘଟଣାକୁ ନେଇ ବିଭିନ୍ନ ସନ୍ଦେହ ସୃଷ୍ଟି ହୋଇଛି। ଏହା ସୁଚିନ୍ତିତ ହତ୍ୟା ଘଟଣା ବୋଲି ସନ୍ଦେହ ମଧ୍ୟ କରାଯାଉଛି। ଯୁବକଙ୍କୁ କେହି ହତ୍ୟା କରି ପୋଖରୀରେ ପକାଇଦେଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଚଳାଇଛି। ଏହାକୁ ନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ସେପଟେ ପୁଅର ମୃତ୍ୟୁ ହୋଇଥିବା ନେଇ ଶୋକ ପ୍ରକାଶ କରିଛନ୍ତି ବରିଷ୍ଠ ସାମ୍ବାଦିକ ନବୀନ ଦାସ। ସେ ପୋଷ୍ଟ ସେୟାର କରି ଲେଖିଛନ୍ତି ଯେ- 'ଗୁଡୁକୁ ହରାଇଲି ସବୁଦିନ ଲାଗି। ପ୍ରଭୁ ମହାକାଳ ତାକୁ ଅପାର ଶାନ୍ତି ଦିଅନ୍ତୁ। ହତଭାଗ୍ୟ ବାପା'। ତେବେ କିଭଳି ଭାବେ ଯୁବକଙ୍କ ମୃତ୍ୟୁ ହୋଇଛି ଓ ଏଠାକୁ କିଭଳି ଭାବେ ମୃତଦେହ ଆସିଲା ତାହାକୁ ନେଇ ପୋଲିସ୍ ଅନେକ ସନ୍ଦେହ କରୁଛି।

### ଅପରାଜିତାଙ୍କୁ...

ତଥାପି ଏହା ହିଁ ଏକମାତ୍ର କାରଣ ବୋଲି ରାୟଗଡା ରାଜନୀତି ମହଲରେ ଚର୍ଚ୍ଚା ହେଉଛି।

ନିକଟରେ ଅପରାଜିତା ରାୟଗଡା ଯାଇଥିଲେ। ଉଭୟେ ନେତା ଅପରାଜିତାଙ୍କୁ ସମର୍ଥନ କରିଥିଲେ। ତେବେ ଅପରାଜିତାଙ୍କ ସଭାକୁ ନ ଯିବା ପାଇଁ ପୂର୍ବରୁ ଜିଲ୍ଲା ସଭାପତି ହ୍ୱିପ୍ ଜାରିକରିଥିଲେ। କିନ୍ତୁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅପରାଜିତାଙ୍କ ପାଇଁ ବାଇକ୍ ରାଲିର ଆୟୋଜନ କରାଯାଇଥିବା ବେଳେ ଯୁବମୋର୍ଚ୍ଚା ସେମାନଙ୍କୁ ସହଯୋଗ କରିଥିଲା। ନିଜେ ଯୁବମୋର୍ଚ୍ଚା ସଭାପତି କାର୍ଯ୍ୟକ୍ରମକୁ ଯାଇନଥିଲେ ବି ତାଙ୍କ ସମର୍ଥକମାନେ ଯାଇଥିବା ଜଣାପଡିଛି। ସେହିପରି ଗୁଣୁପୁରରେ ଅପରାଜିତାଙ୍କ କାର୍ଯ୍ୟକ୍ରମକୁ କୃଷକମୋର୍ଚ୍ଚା ସଭାପତି ସଫଳ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଅପରାଜିତାଙ୍କୁ ସମର୍ଥନ କରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା କୁହାଯାଉଥିବା ବେଳେ ବିଜେପି ରାଜନୀତି ସରଗରମ ହୋଇଯାଇଥିବା ବାସ୍ନା ହେଉଛି।

### ପୁଣି...

ସଂପ୍ରସାରଣ ବେଳେ ଉଭୟ ନେତା କେନ୍ଦ୍ର ମନ୍ତ୍ରୀ ହେବା ପାଇଁ ଆଶା ବାନ୍ଧିଥିଲେ। କିନ୍ତୁ ସେମାନଙ୍କୁ ନିରାଶ ହେବାକୁ ପଡିଥିଲା। ଏବେ ଜାତୀୟ କାର୍ଯ୍ୟକାରିଣୀରେ ବି ସେମାନଙ୍କୁ ସ୍ଥାନ ମିଳିନାହିଁ। ଏଥିରେ ଦେଶର ମାତ୍ର ୮୦ଜଣ ସଦସ୍ୟ ରହିଛନ୍ତି। ଏହା ଅତ୍ୟନ୍ତ କ୍ଷମତାଶାଳୀ କମିଟି। ଆଗକୁ ଅପରାଜିତା-ବୈଜୟନ୍ତ, ଧର୍ମେନ୍ଦ୍ର-ଜୁଏଲଙ୍କ ଭଳି ପତିଆରା ବଜାୟ ରଖିପାରୁଛନ୍ତି କି ନାହିଁ ତା ଉପରେ ଏ ସମସ୍ତଙ୍କ ନଜର

### ପଚା...

ହେବ। ଏହା ଜୀବନ ପ୍ରତି ବିପଦ ରହିଛି। ତେବେ ଏଠି ପ୍ରଶ୍ନ ଉଠୁଛି ପଚା ଅଣ୍ଡା କାରବାର ପଛରେ ବଡ ର୍‍ୟାକେଟ୍ କାମ କରୁନି ତ? କେବଳ ଗୋଟିଏ ବେକେରୀ ନା ଅନ୍ୟ ବେକେରୀକୁ ଯାଉଛି ପଚା ଅଣ୍ଡା। ଶସ୍ତାରେ ପଚା ଅଣ୍ଡା ଆଣି ପାଉଁରୁଟି ବ୍ୟବହାର ହେଉଥିଲା କି? କେତେ ଦିନ ଚାଲିଥିବା ଏହି ପଚା ଅଣ୍ଡା କାରବାର? ଏପରି ଅନେକ ପ୍ରଶ୍ନ ଭିତରେ ଛନ୍ଦି ହୋଇପଡିଛି ସିଏମ୍‌ସି ଖାଦ୍ୟ ନିରାପତ୍ତା ବିଭାଗ। ସେପଟେ ବେକେରୀକୁ ସିଲ୍ କରି ସାମଗ୍ରୀ ଜବତ କରିଛି ସିଏମ୍‌ସି। ପଚା ଅଣ୍ଡା କେକ୍ ମିଶୁ ଥିବା ଖବର ମିଳିବା ପରେ କୁଆଡେ କାର୍ଯ୍ୟାନୁଷ୍ଠାନ ହୋଇଛି। ଫିଙ୍ଗିବା ଯୋଗ୍ୟ ପଚା ଅଣ୍ଡାକୁ ଶସ୍ତାରେ ଆଣି କେକ୍ ପ୍ରସ୍ତୁତ ହେଉଥିବା ଅଭିଯୋଗ ହେଉଛି।

# ଶିଶୁର ମୃତ ଶରୀରକୁ କୁକୁର ଧରି ବୁଲୁଛି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ ହସ୍ପିଟାଲ୍ ପରିସରରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ବୁଲା କୁକୁର କଅଁଳା ଶିଶୁର ମୃତଦେହକୁ ଧରି ହସ୍ପିଟାଲ୍ ପରିସରରେ ଘୂରି ବୁଲୁଥିଲା। ମେଡିକାଲ୍ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ଏପରି ଦୃଶ୍ୟ ଦେଖି ପାଟି କରିଥିଲେ। ଲୋକଙ୍କ ହୋ-ହାଲ୍ଲା ଯୋଗୁଁ କୁକୁରଟି ହସ୍ପିଟାଲ ପରିସରରେ ଥିବା ଏକ ଏଟିଏମ୍ କାଉଣ୍ଟର ନିକଟରେ ଶିଶୁର ଖଣ୍ଡବିଖଣ୍ଡିତ ମୃତଦେହ ପକାଇ ଚାଲିଯାଇଥିଲା। ତେବେ ଏହି ମୃତ ଶିଶୁର ପରିଚୟ ମିଳିପାରି ନାହିଁ। ମେଡିକାଲରେ ମୃତ୍ୟୁବରଣ କରିଥିବା ଶିଶୁକୁ ପରିବାର ଲୋକେ ସତ୍କାର ନ କରି ପରିତ୍ୟକ୍ତ ଜାଗାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି।

# ସଚେତନ ନାଗରିକ ମଂଚର ଗୋପବନ୍ଧୁ ଜୟନ୍ତୀ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ସଚେତନ ନାଗରିକ ମଂଚ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତି ପାଳନ କରାଯାଇଥିଲା। ଏଥିରେ ସମାଜସେବୀ ଦେବୀପ୍ରସାଦ ମହାରଣା, ଆଇନଜୀବି ଏମଏନ ହର୍ଷବର୍ଦ୍ଧନ, ଆଇନଜୀବି ଅନିଲ ମହାପାତ୍ର, ବଂଶୀଧର ପଟ୍ଟନାୟକ, ସାହିତ୍ୟିକ ଅଲେଖଚନ୍ଦ୍ର ବେହେରା, ସମାଜ ବିକାଶ ମିଶନ ସମ୍ପାଦକ ସରିତ ମହାପାତ୍ର, ସମାଜସେବୀ ସୁରେନ ରାଉତ,ଅଶୋକ ଜେନା, ସୁବାଷ ପଣ୍ଡା, ବ୍ଲକ କଂଗ୍ରେସ ଉପସଭାପତି ଆର୍ତତ୍ରାଣ ପଣ୍ଡା, ନସିରୁଦ୍ଦିନ ଖାଁ, ଅଧ୍ୟାପକ ରମାରଂଜନ ସ୍ୱାଇଁ, ନିଗମାନନ୍ଦ ଦାଶ, ପବିତ୍ର ନାୟକ, ଭୁବନାନନ୍ଦ ନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ଯୋଗେନ୍ଦ୍ର ଦାସ, ରଶ୍ମୀରଂଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

ଅକ୍ଟୋବର ୧୧ ରୁ ୧୭, ୨୦୨୧, ଜଗତସିଂହପୁର

October 11 to 17, 2021, Jagatsinghpur




## ଟିସିଏସ୍‌ରେ ୩୫ହଜାର ନିଯୁକ୍ତି



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଚଳିତ ଆର୍ଥିକ ବର୍ଷର ତୃତୀୟାର୍ଦ୍ଧରେ ଟାଟା କନସେଲଟାନ୍ସି ସର୍ଭିସେସ୍(ଟିସିଏସ୍) ୩୫ହଜାର ପିଲାଙ୍କୁ ନିଯୁକ୍ତି ଦେବ। ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀ ୪୩ହଜାର ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଥିଲା। କମ୍ପାନୀ ସେହି ଲକ୍ଷ୍ୟକୁ ହାସଲ କରିସାରିଛି। କରୋନା ମହାମାରୀ ପରେ ଦେଶରେ ଡିଜିଟାଲ୍ ଚାହିଦା ବଢିଛି। ତେଣୁ ବିଶ୍ୱବ୍ୟାପୀ କମ୍ପାନୀଗୁଡିକ ଅଧିକରୁ ଅଧିକ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେବା ପାଇଁ କ୍ୟାମ୍ପସ୍ ଯାଉଛନ୍ତି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ ଆଟ୍ରିସନ ରେଟ ବା କର୍ମଚାରୀ କମ୍ପାନୀ ଛାଡିବା ହାର ୧୧.୯ ପ୍ରତିଶତ ବୃଦ୍ଧି ପାଇଛି। ପ୍ରଥମେ ତ୍ରୟମାସରେ ଟିସିଏସ୍‌ର ଆଟ୍ରିସନ ହାର ୮.୬ ପ୍ରତିଶତ ରହିଥିଲା।

## କର୍ମଚାରୀଙ୍କ ମୃତ୍ୟୁ ସହାୟତା ରାଶି ବୃଦ୍ଧି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟ ସରକାର ସରକାରୀ କର୍ମଚାରୀମାନଙ୍କ ପାଇଁ ଗୋଷ୍ଠୀ ବୀମା ଯୋଜନା ଦେୟରେ ସଂଶୋଧନ କରିଛନ୍ତି। ପୂର୍ବରୁ ୪୮୦୦ ଟଙ୍କା ଗ୍ରେଡ୍ ପେ ପାଉଥିବା କର୍ମଚାରୀମାନଙ୍କୁ GIS ବାବଦରେ ୭୫୦୦ ଟଙ୍କା ଦେବାକୁ ପଡୁଥିଲା ବେଳେ ଏବେ ତାହା ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

କର୍ମଚାରୀମାନଙ୍କ ପାଇଁ GIS ଏକ ସାମାଜିକ ସୁରକ୍ଷା ଯୋଜନା। ଚାକିରୀରେ ଥିବାବେଳେ ଯଦି ଜଣେ କର୍ମଚାରୀ ମୃତ୍ୟୁବରଣ କରନ୍ତି, ତେବେ ଏହି ଯୋଜନାରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ୪୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ ପାଉଥିବା କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ପରିବାରକୁ ଦେଢ ଟଙ୍କା ଏବଂ ୫୪୦୦ ବା ତଦୁର୍ଦ୍ଧ ଗ୍ରେଡ୍ ପେ ପାଉଥିବା କର୍ମଚାରୀମାନଙ୍କ ମୃତ୍ୟୁରେ ଅଢେଇ ଲକ୍ଷ ଟଙ୍କା ସହାୟତା ମିଳିଥିଲା। ବର୍ତ୍ତମାନ



ଏହି ସଂଶୋଧିତ ନିଷ୍ପତ୍ତି ଅନୁଯାୟୀ ଏହି ଯୋଜନାରେ ୪୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ ପାଉଥିବା କର୍ମଚାରୀଙ୍ୟକ ପରିବାରକୁ ୪ଲକ୍ଷ ଟଙ୍କା ଏବଂ ୫୪୦୦ ବା ତଦୁର୍ଦ୍ଧ ଗ୍ରେଡ୍ ପେ ପାଉଥିବା କର୍ମଚାରୀମାନଙ୍କ ପରିବାରକୁ ୬ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସହାୟତା ରାଶି ପରିମାଣ ପୂର୍ବରୁ ୫ହଜାର ଟଙ୍କା ଥିବାବେଳେ ଏବେ ଏହାକୁ ଉଭୟ କ୍ଷେତ୍ରରେ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ GIS ଦେୟ ପୂର୍ବ ପରି ୧୦ଟି କିସ୍ତିରେ କର୍ମଚାରୀମାନଙ୍କ ଦରମାରୁ ନିଆଯିବ।

## I-Card ଦେଖାଇ ସାମ୍ବାଦିକ ଆଣୁଛନ୍ତି ପୂଜା ଚାନ୍ଦା

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଦଶହରା ପୂଜା ଘାରିଛି ଜଗତସିଂହପୁର ସାମ୍ବାଦିକଙ୍କୁ! ଆଇ-କାର୍ଡ ଦେଖାଇ କୁଆଡେ ଅଫିସରଙ୍କ ଠୁଁ ଆଣୁଛନ୍ତି ପୂଜା ଚାନ୍ଦା ବୋଲି ସହର, ବଜାରରେ ଆଲୋଚନା ହେଉଛି। ଦୁଇଜଣ ଅସଲି କିମ୍ବା ନକଲି ହୋଇଥାଆନ୍ତୁ କାର୍ଡ ଦେଖି ୫ଶହ ଟଙ୍କା ଦୁଇଜଣଙ୍କୁ ଦେଇଦିଅ ଯାଅ ବୋଲି ବରିଷ୍ଠ ଅଧିକାରୀ କହିବାରୁ ଚାନ୍ଦା ବଣ୍ଟା ଦାୟିତ୍ୱରେ ଥିବା କିରାଣୀ ସେମାନଙ୍କୁ ୫ଶହ ଟଙ୍କା ଦେଇ ବିଦା କରିଥିବା ଘଟଣା ବରିଷ୍ଠ ସାମ୍ବାଦିକ ମହଲରେ ଦୁଃଖ ପ୍ରକାଶ କରାଯାଉଛି। ଏ କି ଯୁଗ ହେଲା ସାମ୍ବାଦିକ ବୃତ୍ତିରେ ପଶି ଆସିଲେ ଅଳିଆ ଆମର ସବୁ ମାନମହତ ଗଲା ବୋଲି କହୁଛନ୍ତି ବରିଷ୍ଠ ସାମ୍ବାଦିକ।

## ୨୫ ପର୍ଯ୍ୟନ୍ତ ହାଇକୋର୍ଟ ପୂଜା ଛୁଟି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡ଼ିଶା ହାଇକୋର୍ଟର ଦୁର୍ଗାପୂଜା ଅବକାଶ। ଆସନ୍ତା କାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ହାଇକୋର୍ଟ। ଏହି ଅବକାଶ ସମୟରେ ଅକ୍ଟୋବର ୧୧, ୧୮ ଓ ୨୧ ତାରିଖରେ ଅବକାଶ କାଳୀନ ଖଣ୍ଡପୀଠ ବସି ଜରୁରୀ ମାମଲା ଗୁଡିକର ଶୁଣାଣି କରିବେ। କୋଭିଡ୍ କଟକଣା ମାନି ସକାଳ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଜରୁରୀ ମାମଲା ଗୁଡିକର ଶୁଣାଣି କରାଯିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୧ ତାରିଖରେ ଜଷ୍ଟିସ୍ ବି.ଆର.ଶଷଙ୍ଗୀ ଓ ଜଷ୍ଟିସ୍ ଏସ୍. ରାଥୋଙ୍କ ଖଣ୍ଡପୀଠରେ ଯଥାକ୍ରମେ ଡିଭିଜନ ବେଞ୍ଚ ମାମଲା ଓ ସିଙ୍ଗଲ ଜଜ ସିଭିଲ୍ ମାମଲାର ଶୁଣାଣି ହେବ। ୧୮ ତାରିଖରେ ଜଷ୍ଟିସ୍ ବି ମହାନ୍ତି ଓ ଜଷ୍ଟିସ୍ କେ.ଆର୍.ମହାପାତ୍ରଙ୍କ ଖଣ୍ଡପୀଠରେ ଶୁଣାଣି ହେବ। ସେହିପରି ଜଷ୍ଟିସ୍ ପି.ବି. ରାଉତରାୟ, ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠରେ ଶୁଣାଣି ହେବ।




## ଚାନ୍ଦା ଲାଗି ଧସେଇ ପଶୁଛନ୍ତି ଅଫିସରଙ୍କ କ୍ୱାର୍ଟରରେ

ଜନୈକ ସାମ୍ବାଦିକ ଜଗତସିଂହପୁର ଜଳସଂପଦ ଡିଭିଜନ୍‌ର ସୁପରଟେଣ୍ଡ୍ ଇଂଜିନିୟର(ଏସ୍‌ଇ) ପ୍ରତାପ କିଶୋର ଶତପଥୀଙ୍କ ସରକାରୀ ବାସଭବନରେ ଧସେଇ ପଶିଥିବାକୁ ଘଉଡାଇ ଦେଇଛନ୍ତି। ତୁମେ ସାମ୍ବାଦିକ କି ନୁହେଁ, ମୁଁ ଜାଣିନାହିଁ, ତୁମେ ମୋ କ୍ୱାର୍ଟର ଭିତରକୁ ପ୍ରବେଶ କଲ କିପରି? ଆଗ ବାହାରକୁ ଯାଅ ତା ପରେ ଯାଇ ମୋ ସହିତ କଥା ହେବ କ'ଣ ପାଇଁ ଆସିଥିଲ ବୋଲି କହିଛନ୍ତି କୁଆଡେ ଶ୍ରୀ ଶତପଥୀ। ଟଙ୍କା ମୁଁ କେଉଁଠୁ ଆଣିବି ଯେ ତୁମକୁ ଚାନ୍ଦା ଦେବି, ତୁମ କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ବୋଲି ଶ୍ରୀ ଶତପଥୀ ସଂପୃକ୍ତ ସାମ୍ବାଦିକଙ୍କୁ ପ୍ରତିଉତ୍ତର ଦେଇଥିବା ଶୁଣାଯାଉଛି। ସଂପୃକ୍ତ ସାମ୍ବାଦିକ ଜଣକ ଯେଉଁ ପତ୍ରିକାରେ କାମ କରୁଛନ୍ତି ସେ ପତ୍ରିକା ବିଷୟରେ ସେ ଜାଣିନାହାଁନ୍ତି କି ଶୁଣିନାହାଁନ୍ତି, ଏମିତିକା ପତ୍ରିକା କେଉଁଠୁ ବାହାରୁଛି, ତୁମେ ସେଥିରେ କ'ଣ କରୁଛ ବୋଲି ପ୍ରଶ୍ନ କରିବାରୁ ସେଥିରେ ସେ ଏଡିଟର ଥିବା ସଂପୃକ୍ତ ସାମ୍ବାଦିକ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ବୁଝିବାରୁ କୁଆଡେ ସଂପୃକ୍ତ ସାମ୍ବାଦିକ ନକଲି ସାମ୍ବାଦିକ ବୋଲି ଶୁଣିବାକୁ ପାଇଛନ୍ତି ଶ୍ରୀ ଶତପଥୀ ବୋଲି ପ୍ରକାଶ କରୁଛନ୍ତି।



## ଆଶ୍ରୟସ୍ଥଳୀ ନିର୍ମାଣର ଭୂମି ପୂଜନ

**ପାରାଦ୍ୱୀପ(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ର ସାନବାଲିକଣି ଗ୍ରାମରେ ପାରାଦ୍ୱୀପ ଫସଫେଟସ୍ ଲିମିଟେଡ ସହାୟତାରେ ଏକ ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ନିମନ୍ତେ ଭୂମୀ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ର ଏବଂ ଚିଫ୍ ଅପରେଟିଙ୍ଗଅଫିସର ପିପିଏଲ ରଣଜିତ୍ ସିଂହଚୁହା ମିଳିତ ଭାବେ ଏହି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀର ଭିତ୍ତିପ୍ରସ୍ଥର ସଯଥାପନ କରିଥିଲେ। ଫାରାଦ୍ୱୀପ ଫସ୍ ଫେଟ୍ ଲିମିଟେଡର ସହଯୋଗରେ ନିର୍ମିତ ହେବାକୁ ଥିବା ବହୁମୁଖୀ ବନ୍ୟା ଆଶ୍ରୟଶ୍ଥଳୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହଜାହଜାର ଗ୍ରାମବାସୀଙ୍କର ଉପକାର କରିବାରେ ବିଶେଷ ସହାୟକ ହୋଇପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ପିପିଏଲ୍ ର ମହତ କାର୍ଯ୍ୟକୁ ଜିଲ୍ଲାପାଳ ଭୁୟସୀ ପ୍ରଶଂସା କରିଥିଲେ। ପୂର୍ବରୁ ୧୯୯୯ମହାବାତ୍ୟାପରେ ପିପିଏଲ ପକ୍ଷରୁ ଏହି ଗ୍ରାମରେ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା। ଯାହାକି ଭାଙ୍ଗିରୁଜି ଯାଇଥିଲା। ତାହାକୁ ସଂପୂର୍ଣ୍ଣ ଭାବେ ଭଙ୍ଗାଯାଇ ପାଖରେ ଏକ ନୂତନ ବହୁମୁଖୀ ଆଶ୍ରୟସ୍ଥଳୀ ୧.୨କୋଟି ଟଙ୍କା ବିନିଯୋଗରେ ପିପିଏଲ୍ ସିଏସଆର ପାଣ୍ଠିରୁ ନିର୍ମାଣ କରାଯିବ। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଙ୍କ ଯୋଜନା ମୁତାବକ ଏକ ରାଜ୍ୟ ସରକାରଙ୍କ ଅନୁମୋଦନ ଅନୁଯାୟୀ ଏହି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉଛି। ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏଥିପାଇଁ ଆବଶ୍ୟକୀୟ ଜମି ଯୋଗାଇଦେଇଛନ୍ତି। ସାନବାଲିକଣି ଗ୍ରାମଟି ଜିଲ୍ଲାପାଳଙ୍କ ପୋଷ୍ୟ ଗ୍ରାମ୍ୟ ଭାବେ ବିବେଚିତ ହୋଇଛି। ଏହି ଭୂମୀ ପୂଜନ ଉତ୍ସବରେ କୁଜଙ୍ଗ ବିଡିଓ ଅମୀୟ କୁମାର ପଣ୍ଡା,ପିପିଏଲ କର୍ପୋରେଟ ଆଫେୟାର୍ସମୁଖ୍ୟ ସୁଧୀର ରଞ୍ଜନ ମିଶ୍ର,ପିପିଏଲ ସିଏସଆର ମ୍ୟାନେଜର ସୌମ୍ୟଶ୍ରୀ ଓମ୍ ପ୍ରକାଶ ସାହୁ,ଡିଜିଏମ ସିଭିଲ ସୁବାସିଷ ପ୍ରଧାନ,ମ୍ୟାନେଜର ସିଭିଲ ଆଶୁତୋଷ ସ୍ୱାଇଁ,ସରପଞ୍ଚ ଜ୍ଞାନରଂଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।




## ପୋଲିସ୍ କାର୍ଯ୍ୟରେ ବଢୁଛି ଅସନ୍ତୋଷ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପୋଲିସ୍ ଚଳାଇଛି ଦମନଲିଳା, କାନ୍ଦୁଛନ୍ତି ଲୋକେ! ନିଜର ନାର୍ଯ୍ୟ ଦାବିକୁ ନେଇ ଯୋଡା ଅଞ୍ଚଳର ଟ୍ରକ ମାଲିକମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା ବେଳେ ଏବେ କିଛି ନପାଇ ଟ୍ରକ ମାଲିକମାନଙ୍କର କଣ୍ଠରୋଧ କରିବା ପାଇଁ ପୋଲିସ୍ ଦମନ ଲିଳା ଆରମ୍ଭ କରିଛି। ଅଭିଯୋଗ ପୂର୍ବରୁ ରାତି ଅଧରେ ବିନା ୱାରେଣ୍ଟରେ ଘରେ ପଶି ଲୋକଙ୍କୁ ଉଠାଇ ନେଇଛି ପୋଲିସ୍। ଉଠାଇ ନେବାର ଦିନକ ପରେ ଖଣି କମ୍ପାନୀ ପକ୍ଷରୁ ଅଭିଯୋଗ ନେଇ ମାଲିକଙ୍କୁ ଗିରଫ ମଧ କରିଛି ବପୋଲିସ୍। ଯାହାକୁ ନେଇ ପ୍ରଶ୍ନ ଉଠିଛି, ପୋଲିସ୍ କାହାର? ଚମ୍ପୁଆ ବିଧାୟିକା ମିନାକ୍ଷୀଙ୍କ ସ୍ୱାମୀ ଉକ୍ତ ମାହାନ୍ତଙ୍କ ହାତ ବାରିସି ସାଜି ପୋଲିସ୍ ଗତ ଶନିବାର ଓ ରବିବାର ଦୁଇ ରାତିରେ କିଛି ଟ୍ରକ୍ ମାଲିକଙ୍କ ଘରେ ରାତି ଅଧରେ ପଶି ପରିବାର ଲୋକଙ୍କୁ ଦୁର୍ବ୍ୟବହାର ଦେଖାଇବା ସହ ଚାରିଜଣଙ୍କୁ ଉଠାଇ ନେଇ ମିଛ ମାମଲାରେ ଫରୱାର୍ଡ କରିଥିବା ବେଳେ ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ରାତି ଅଧରେ ଘରକୁ ଯିବାକୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଜର ହକ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଟ୍ରକ ମାଲିକଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ, ଖଣି ମାଲିକ ପରିବହନ ଠିକାଦାରଙ୍କୁ ସାହାଯ୍ୟ କରିବାକୁ ଯାଇ ପୋଲିସ୍ ଚଳାଇଛି ଦବଙ୍ଗିରି।

ଅନେକ ସମୟରେ ଏସ୍‌ଡିପିଓ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଟ୍ରକ ମାଲିକଙ୍କୁ ହଇରାଣ କରୁଥିବାରୁ ଟ୍ରକ ମାଲିକମାନେ ତାଙ୍କୁ ବଦଳି ସହ ୫ ଦଫା ନେଇ ଖଣି ସମ୍ମୁଖରେ ଆନ୍ଦୋଳନ କରିଥିଲେ। ହେଲେ ସମାଧାନ ତ ଦୂରର କଥଅ ୨ ଓ ୩ ତାରିଖ ରାତିରେ ଘରେ ପଶି ଜୋର ଜବରଦସ୍ତ ଘରୁ ଉଠାଇ ନେଇଥିଲା ପୋଲିସ୍। ଆଉ ୪ ତାରିଖ କମ୍ପାନୀ ପକ୍ଷରୁ ଅଭିଯୋଗ କରାଗଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ଏବେ ପୋଲିସ୍ ଓ ଖଣି ବିରୋଧରେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡିଲେଣି।



## ପ୍ରସନ୍ନ ମହାନ୍ତିଙ୍କୁ ସାମ୍ବାଦିକ ୟୁନିୟନର ଶୁଭେଚ୍ଛା

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ସାମ୍ବାଦିକ ୟୁନିୟନ ପକ୍ଷରୁ ପ୍ରେସ୍ କାଉନସିଲ ଇଣ୍ଡିଆର ସଭ୍ୟଭାବେ ମନୋନୀତ ହୋଇଥିବା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତିକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ମଧ୍ୟ ବରିଷ୍ଠ ସାମ୍ବାଦିକ ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଜିଲ୍ଲା ସାମ୍ବାଦିକ ୟୁନିୟନ ସଭାପତି ଶୁଭଙ୍କର ଜେନା, ଉପଦେଷ୍ଟା ବିଜୟ କୁମାର ସ୍ୱାଇଁ, ସମ୍ପାଦକ ଜ୍ୟୋତିରଂଜନ ପରିଡା,ଶଶାଙ୍କ ଶେଖର ପଣ୍ଡା, ଉପସଭାପତି ତପନ କୁମାର ରାଉତରାୟ, ପିନାକି ମହାନ୍ତି, ସରୋଜ ସାହୁ, ଆର୍ତ୍ତତ୍ରାଣ ପତି, ଉପଦେଷ୍ଟା ପ୍ୟାରୀମୋହନ ପଟ୍ଟନାୟକ, ମାନସ ସ୍ୱାଇଁ, ରଂଜନ କୁମାର ଲେଙ୍କା, ତପନ କୁମାର ସ୍ୱାଇଁ, ଦିପ୍ତୀରଂଜନ କାନୁନଗୋ, ପ୍ରଶାନ୍ତ ମୁଦୁଲି, ସୁଶାନ୍ତ ରାଉତ ପ୍ରମୁଖ ଶ୍ରୀ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସମ୍ପାଦକୀୟ

## ଟାଟାର ଏୟାର ଇଣ୍ଡିଆ

ଦୀର୍ଘ ଦିନ ଧରି ଆର୍ଥିକ ସଙ୍କଟ ମଧ୍ୟରେ ଛନ୍ଦି ହେବା ପରେ ମହାରାଜା 'ଏୟାର ଇଣ୍ଡିଆ' ଶେଷରେ ଘର ବାହୁଡିଛି। ୬୮ ବର୍ଷ ପରେ ପୁଣି ଥରେ ପ୍ରତିଷ୍ଠାତା ଟାଟା ଗ୍ରୁପ୍ ହାତକୁ ଆସିଛି ଏହାର କମାଣ। ଏୟାର ଇଣ୍ଡିଆର ନିଲାମରେ ସର୍ବୋଚ୍ଚ ବିଡର ଭାବେ ବିଜେତା ଘୋଷିତ ହୋଇଛି ଟାଟା ଗ୍ରୁପ୍। ଏହାକୁ କିଣିବା ପାଇଁ ଟାଟା ଗ୍ରୁପ୍ ୧୮,୦୦୦ କୋଟି ଟଙ୍କା ପୈଠ କରିବ। ଏହାର ୧୫% ସରକାରଙ୍କ ପାଖକୁ ଯିବ ଏବଂ ଅବଶିଷ୍ଟ ରାଶି କମ୍ପାନୀର ଋଣ ପରିଶୋଧରେ ବ୍ୟବହାର ହେବ। ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ୍) ପକ୍ଷରୁ ଏ ଘୋଷଣା କରାଯାଇଛି।

ଲୁଣରୁ ସାଟେଲାଇଟ୍ ପର୍ଯ୍ୟନ୍ତ ବ୍ୟବସାୟର ଚେର ଲମ୍ବାଇଥିବା



ଟାଟା ହାତରେ ଏବେ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର କମାଣ ଆସିବ। ଏହା ସହିତ କାର୍ଗୋ ଏବଂ ଗ୍ରାଉଣ୍ଡ୍ ହ୍ୟାଣ୍ଡଲିଂ କମ୍ପାନୀ ଏଆଇଏସ୍ଏଟିଏସ୍‌ର ଅଧା ଭାଗୀଦାରୀ ଟାଟା ଗ୍ରୁପ୍‌କୁ ମିଳିବ। ଆଜିଠାରୁ ୧୫ ଦିନ ଧରି ହସ୍ତାନ୍ତର ଲାଗି ପ୍ରକ୍ରିୟାଗୁଡିକ ଆରମ୍ଭ ହେବ। ଡିସେମ୍ବର ସୁଦ୍ଧା ଚୁକ୍ତି ବା ନେଣଦେଣ ସମ୍ପନ୍ନ ହେବ। ଆସନ୍ତା ୪ ମାସରେ ସରକାର ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍‌କୁ ହସ୍ତାନ୍ତର କରିବେ ବୋଲି ଦୀପମ ପକ୍ଷରୁ ସୂଚନା ଦିଆଯାଇଛି। ଦୀପମ ସଚିବ ତୁହିନ କାନ୍ତ ପାଣ୍ଡେ କହିଛନ୍ତି ଯେ, ଟାଟା ଅଧୀକୃତ ଟାଲେସ୍ ପ୍ରାଇଭେଟ୍ ଲିମିଟେଡ୍ ଏୟାର ଇଣ୍ଡିଆରେ ସରକାରଙ୍କ ୧୦୦% ଅଂଶଧନ କିଣିବା ପାଇଁ ବିଜେତା ଘୋଷିତ ହୋଇଛି। ସମସ୍ତ ସର୍ତ୍ତାବଳୀକୁ ନେଇ ବିଡରମାନେ ସମ୍ପତି ପ୍ରକ୍ରିୟାରୁ ବାଦ ପଡିଥିବାବେଳେ ଶେଷରେ ଟାଟା ଗ୍ରୁପ୍ ସଫଳ ହୋଇଛି। ଶ୍ରୀ ପାଣ୍ଡେ କହିଛନ୍ତି, ସରକାରଙ୍କୁ ଏହି ଚୁକ୍ତିରୁ ୧,୭୦୦ କୋଟି ଟଙ୍କାର ନଗଦ ମିଳିବ।



ସମ୍ପାଦକ

ସୂତ୍ରରୁ ଜଣାପଡିଛି ଯେ, ରିଜର୍ଭ ପ୍ରାଇସ୍ ୧୨,୯୦୬ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ବିଜେତା ବିଡର ୧୫,୩୦୦ କୋଟି ଟଙ୍କାର ଋଣ ବୋଝ ନେବ ବୋଲି ନିର୍ଦ୍ଧାରିତ ହୋଇଥିଲା। ଏହାର ଇଣ୍ଡିଆର ସମସ୍ତ କର୍ମଚାରୀଙ୍କୁ ବର୍ଷକ ପାଇଁ ରଖିବାକୁ ସର୍ତ୍ତ ରଖାଯାଇଥିଲା। ଚୁକ୍ତିରେ ଏହାର ଇଣ୍ଡିଆର ଜମି ଏବଂ ବିଲ୍ଡିଂ ସହିତ କୌଣସି ନନ୍-ଆସେଟ୍‌କୁ ବିକ୍ରି କରାଯିବ ନାହିଁ। ମୋଟ ୧୪, ୭୧୮ କୋଟି ଟଙ୍କାର ଏହି ଆସେଟ୍‌ଗୁଡିକୁ ସରକାରୀ କମ୍ପାନୀ ଏଆଇଏଏଚ୍ଏଲ୍‌କୁ ହସ୍ତାନ୍ତର କରାଯିବ।

ଦୀପମ ସଚିବ କହିଛନ୍ତି ଯେ, ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ଅଜୟ ସିଂହଙ୍କ କନ୍‌ସୋର୍ଟିୟମ୍ ୧୫,୦୦୦ କୋଟିର ବିଡ୍ ଡାକିଥିଲା। ଟାଟା ସର୍ବୋଚ୍ଚ ବିଡର ହୋଇଥିବାରୁ ଏହା ହାତକୁ ଏୟାରଲାଇନ୍ସ ଯାଇଛି। ସର୍ତ୍ତ ଅନୁଯାୟୀ ବିଜେତା ବିଡରଙ୍କୁ ଏୟାର ଇଣ୍ଡିଆର ସମସ୍ତ କର୍ମଚାରୀଙ୍କୁ ଅନ୍ୟୁନ ବର୍ଷେ ରଖିବାକୁ ପଡିବ।

ସରକାର ଏୟାର ଇଣ୍ଡିଆରେ ନିଜର ସମ୍ପୂର୍ଣ୍ଣ ୧୦୦% ଅଂଶଧନ ବିକ୍ରି କରିବା ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ଏହାର ଇଣ୍ଡିଆ ଘରୋଇକରଣ ପାଇଁ ଗଠନ ହୋଇଥିବା କମିଟିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ରହିଥିଲେ।

କିଛି ଦିନ ତଳେ ବ୍ଲୁମ୍‌ବର୍ଗର ଏକ ରିପୋର୍ଟରେ ଦାବି କରାଯାଇଥିଲା ଯେ, ଏହାର ଇଣ୍ଡିଆକୁ କିଣିବା ପାଇଁ ଟାଟା ସନ୍ସର ପ୍ରସ୍ତାବକୁ ସରକାର ଗ୍ରହଣ କରିଛନ୍ତି। ଉକ୍ତ ସମୟରେ ସରକାର ଏହି ଖବରକୁ ଖାରଜ କରିଦେଇଥିଲେ ଏବଂ ନିଷ୍ପତ୍ତି ନିଆଗଲେ ଜଣାଇ ଦିଆଯିବ ବୋଲି କହିଥିଲେ।

## ଟାଟା ଏୟାର୍ ଲାଇନ୍ସର ଇତିହାସ

୧୯୩୨ରେ ଜେଆର୍‌ଡି ଟାଟା ଏୟାରଲାଇନ୍ସକୁ ଆରମ୍ଭ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୬ରେ ଟାଟା ଏୟାରଲାଇନ୍ସର ନାଁ ବଦଳାଇ ଏୟାର୍ ଇଣ୍ଡିଆ କରିଦିଆଗଲା। କମ୍ପାନୀ ପବ୍ଲିକ୍ ଲିମିଟେଡ୍‌ରେ ପରିଣତ ହେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱବ୍ୟାପୀ ବିମାନ ଚଳାଚଳ ଶିଳ୍ପ ଭୟଙ୍କର ଭାବେ ପ୍ରଭାବିତ ହୋଇଥିଲା। ଏହି ମାନ୍ଦାବସ୍ଥାରୁ ବାହାରିବା ପାଇଁ ତତ୍କାଳୀନ ଯୋଜନା ଆୟୋଗ ସମସ୍ତ ଏୟାରଲାଇନ୍ସ କମ୍ପାନୀଗୁଡିକର ରାଷ୍ଟ୍ରାୟାତକରଣ କରିବା ପାଇଁ ପରାମର୍ଶ ଦେଇଥିଲା। ୧୯୫୩ ମାର୍ଚ୍ଚରେ ସଂସଦ ଏୟାର କର୍ପୋରେସନ୍ସ ଅଧିନିୟମକୁ ଅନୁମୋଦନ ଦେଲା। ଏହାପରେ ଦେଶର ୮ଟି ଏୟାରଲାଇନ୍ସର ରାଷ୍ଟ୍ରାୟତ୍ତକରଣ କରିଦିଆଗଲା। ଏଥିରେ ଟାଟା ଏୟାର ଲାଇନ୍ସ ବି ସାମିଲ ଥିଲା। ସମସ୍ତ କମ୍ପାନୀଙ୍କୁ ମିଶାଇ ଇଣ୍ଡିଆନ୍ ଏୟାର୍‌ଲାଇନ୍ସ ଏବଂ ଏୟାର ଇଣ୍ଡିଆର ଗଠନ କରାଗଲା। ଏୟାର ଇଣ୍ଡିଆକୁ ଅନ୍ତର୍ଜାତୀୟ ଏବଂ ଇଣ୍ଡିଆନ୍ ଏୟାରଲାଇନ୍ସକୁ ଘରୋଇ ବିମାନଗୁଡିକର ଦାୟିତ୍ୱ ଦିଆଗଲା।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଏଥରବି କରୋନା କଟକଣାରେ ଶାରଦୀୟ ଦୁର୍ଗାପୂଜା !



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ରାଜ୍ୟରେ କଡାକଡି ହୋଇଛି ପାର୍ବଣ ଗାଇଡ୍‌ଲାଇନ। ଅକ୍ଟୋବର ମାସରେ ଏକାଧିକ ପର୍ବ ପଡୁଥିବାରୁ ପାର୍ବଣ କଟକଣାକୁ କଠୋର କରିଛନ୍ତି ରାଜ୍ୟ ସରକାର। ତେଣୁ ଟ୍ୱିନସିଟିରେ ଅକ୍ଟୋବର ୧୧ରୁ ୨୦ ତାରିଖ ଅର୍ଥାତ୍ ୧୦ ଦିନ ଯାଏଁ ନାଇଟ୍ କର୍ଫ୍ୟୁ ଜାରି କରାଯାଇଛି। ରାଜ୍ୟର ଅନ୍ୟ ସହରାଞ୍ଚଳରେ ସେପ୍ଟେମ୍ବର ମାସ ଭଳି ରାତି ଦଶଟାରୁ ସକାଳ ପାଞ୍ଚଟା ଯାଏଁ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ ବୋଲି ଏସ୍‌ଆରସି ପ୍ରଦୀପ କୁମାର ଜେନା କହିଛନ୍ତି। ଏବେଠାରୁ ଦୋକାନ ବଜାରରେ ଗହଳି ଆରମ୍ଭ ହୋଇଗଲାଣି। ବ୍ୟବସାୟୀଙ୍କର ଭଳିକି ଭଳି ରିହାତି ଅଫର୍ ଲୋକମାନଙ୍କୁ ଆକୃଷ୍ଟ କରୁଛି। ଫଳସ୍ୱରୂପ, ମଲ୍ ଠାରୁ ଆରମ୍ଭ କରି ଛୋଟଛୋଟ ଦୋକାନରେ ଭିଡ ଜମୁଛି। ରାଜ୍ୟରେ କରୋନା ସଂକ୍ରମଣ ଏବେବି ୫୦୦ ଆଖପାଖରେ ରହୁଥିବାରୁ ପାର୍ବଣ ସମୟରେ ଏହା ବଢିବ ବୋଲି କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି। ଅନ୍ୟପକ୍ଷରେ ଲୋକମାନେ କରୋନା କଟକଣାକୁ ପୂର୍ବଭଳି ମାନୁନାହାଁନ୍ତି। ଏପରିକି ଲୋକମାନେ ରାସ୍ତାଘାଟ କି ଦୋକାନ ବଜାର ହେଉ ମୁହଁରେ ମାସ୍କ ଦେବାକୁ ଭୁଲିଗଲେଣି। ସାମାଜିକ ଦୂରତାକୁ ଆଉ କେହି ମାନୁନାହାଁନ୍ତି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୋଭିଡ୍ ନିୟମାନୁସାରେ ଶାରଦୀୟ ଦୂର୍ଗାପୂଜାକୁ ନିରାଡମ୍ବରଭାବେ ପାଳନ କରିବାକୁ ଏପରି ପଦେକ୍ଷପ ଗ୍ରହଣ କରିଛନ୍ତି। ସେହିପରି ଏଥର ପାର୍ବଣରେ ଫୁଟିବନି ବାଣ। ରାଜ୍ୟ ସରକାର ପାର୍ବଣରେ ବାଣ ବିକ୍ରି ଓ ଫୁଟାଇବା ଉପରେ ମଧ୍ୟ ରୋକ୍ ଲଗାଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଗଣେଶ ପୂଜାରୁ ଓଡିଆ ଶାରଦୀୟ ପାର୍ବଣ ଋତୁ ଆରମ୍ଭ ହୋଇ ଦୀପାବଳୀ ଯାଏ ଲମ୍ବିଥାଏ। ଗତ ବର୍ଷପରି ଏବର୍ଷ ଗଣେଶ ପୂଜାରେ କେଉଁଠି ଆନନ୍ଦ-ଉଲ୍ଲାସ ନଥିଲା। ଚାରିଆଡେ ଥିଲା ଖାଁ ଖାଁ ପରିବେଶ। ମଉଜ-ମଜଲିସ୍, ହସ-ଖୁସି,ଆନନ୍ଦ-ଉଲ୍ଲାସ ଛଡାଇ ନେଇଛି ଏହି କରୋନା ମହାମାରୀ । ଜୀବନ ପାଖରେ ସବୁ ବଳି ପଡିଛି। ଚଳିତ ବର୍ଷ କରୋନା ସଙ୍କ୍ରମଣକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାର୍ବଣ ଉପରେ ଲଗାଇଛନ୍ତି ରୋକ୍। ଯାହାଫଳରେ ପର୍ବପର୍ବାଣି ପାଳନ ଉପରେ ଏହାର ପ୍ରଭାବ ବେଶ ବାରିହୋଇପଡୁଛି। ବିଗତ ଦିନରେ ଆରମ୍ଭ ହୋଇଛି ଏହି କଟକଣା ।ଏଥିପାଇଁ ବାରମାସରେ ପାଳନ ହେଉଥିବା ତେର ପର୍ବ ଆଉ ଜାକଜମକରେ ପାଳନ କରାଯାଉନାହିଁ। ଏପରିକି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା କରୋନା କଟକଣାରୁ ମୁକ୍ତ ହୋଇପାରିନଥିଲା । ସମ୍ପୂର୍ଣ୍ଣ କଟକଣା ଭିତରେ ଶେଷ ହୋଇଥିଲା ଜଗାକାଳିଆର ଘୋଷଯାତ୍ରା । ଆଗକୁ ଦୁର୍ଗା ପୂଜା ଆସୁଛି। କଟକ, ଭୁବନେଶ୍ୱର ଠାରୁ ଆରମ୍ଭ କରି ସମଗ୍ର ରାଜ୍ୟର ପୁରପଲ୍ଲୀରେ ଏହା ପାଳିତ ହୋଇଥାଏ । କିନ୍ତୁ କଟକ ଦଶହରା ଓ ଦୁର୍ଗାପୂଜାର ମଜା ନିଆରା। ସାରା ରାଜ୍ୟରେ କଟକରେ ଦୁର୍ଗାପୂଜାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି।

କରୋନା ମହାମାରୀ ସବୁକିଛି ଓଲଟପାଲଟ କରିଦେଇଛି । କରୋନାର ଅମାନିଆ ସଂକ୍ରମଣକୁ ଆଖି ଆଗରେ ରଖି ରାଜ୍ୟ ସରକାର ପାର୍ବଣ ପାଇଁ ବିଶେଷକରି ଦୁର୍ଗାପୂଜା ନିମନ୍ତେ କଡା ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଯେଉଁଥିରେ କୁହାଯାଇଛି ମୂର୍ତ୍ତିର ଉଚ୍ଚତା ୪ ଫୁଟ ରହିବା। ଏପରିକି ଏ ପ୍ରସଙ୍ଗକୁ ଅଦାଲତ ପର୍ଯ୍ୟନ୍ତ ନିଆଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ମୂର୍ତ୍ତିର ଉଚ୍ଚତା ପୂର୍ବ ପରି ୪ ଫୁଟରେ ରହିବ ବୋଲି ସ୍ଥିର କରାଯାଇଛି। କଟକ ଦଶହରାରେ ମୂର୍ତ୍ତିର ୪ଫୁଟ ଉଚ୍ଚତା ନିର୍ଦ୍ଧାରଣ ପ୍ରସଙ୍ଗ ପୁଣି ହାଇକୋର୍ଟରେ ପହଞ୍ଚିଥିଲା। ଏ ନେଇ ବାଲୁ ବଜାର ପୂଜା କମିଟି ପୁଣିଥରେ ମୂର୍ତ୍ତି ଉଚ୍ଚତାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କ ଅଗଷ୍ଟ ୯ ତାରିଖ ପାର୍ବଣ ଗାଇଡ୍‌ଲାଇନକୁ କାୟମ୍ ରଖିଛନ୍ତି । ସେହିଭଳି ଆହୁରି ଅନ୍ୟାନ୍ୟ କଟକଣା ସବୁ ରହିଛି। ମୁଖ୍ୟ ପୁଜକଙ୍କ ସମେତ ସାତ ଜଣ ରହିବେ ମଣ୍ଡପରେ । ଜାକଜକମରେ ସାଜସଜ୍ଜା, ତୋରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମନା । ଭସାଣି ଶୋଭାଯାତ୍ରା ଉପରେ ମଧ୍ୟ ଲାଗିଛି ଲଗାମ। ଏସବୁ ନିୟମର ଖିଲାପ ହେଲେ କଡାକାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାର ଚେତାଇ ଦେଇଛନ୍ତି। କେବଳ ସରକାରୀ ଚାକିରିଆଙ୍କୁ ଛାଡିଦେଲେ ଅନ୍ୟମାନେ ପର୍ବପର୍ବାଣୀ ଏବଂ ଉତ୍ସବକୁ ଅପେକ୍ଷା କରିଥାନ୍ତି ରୋଜଗାର ଆଶାରେ । ଆଉ ଲୋକଙ୍କ ମନରେ ଥାଏ ଉତ୍ସାହ ଓ ଉଦ୍ଦୀପନା । ଲୋକେ ପର୍ବପର୍ବାଣୀକୁ ଉପଭୋଗ କରନ୍ତି । ପୋଷାକ ପତ୍ର ଠାରୁ ଆରମ୍ଭ କରି ଗାଡି, ଘୋଡା, ଟିଭି, ଫ୍ରିଜ୍ ଏପରି ସୌଖିନ ଜିନିଷ କିଣିଥାନ୍ତି ଏହି ସମୟରେ । ତେଣୁ ବ୍ୟବସାୟୀ ମାନେ ମଧ୍ୟ ଏହି ମୌକାକୁ ଅପେକ୍ଷା କରିଥାନ୍ତି। ମୂର୍ତ୍ତି ଶିଳ୍ପୀ, ଟେଣ୍ଟହାଉସ୍, ତୋରଣ ନିର୍ମାଣ କରୁଥିବା କାରିଗର ଏବଂ ମେଲୋଡି କଳାକାରଙ୍କ ପାଇଁ ମଧ୍ୟ ପାର୍ବଣର ଏହି ସମୟ ଖୁବ୍ ଲାଭଦାୟୀ ହୋଇଥାଏ । ଏହି ସମୟରେ ବେଶ୍ ଦୁଇ ପଇସା ରୋଜଗାର କରନ୍ତି ସେମାନେ। କିନ୍ତୁ ଚଳିତ ବର୍ଷ କଟକଣା ଯୋଗୁଁ ଏସବୁ ଫିକା ପଡିଯାଇଛି। ମନ ମରିଯାଇଛି। ଛୋଟବଡ ସବୁ ବ୍ୟବସାୟୀ ମାନଙ୍କର । ମୂର୍ତ୍ତି ଶିଳ୍ପୀ ମାନେ ଗଣେଷ ପୂଜାରେ ହତାଶ ହେବା ପରେ ଦୁର୍ଗାପୂଜାକୁ ଅପେକ୍ଷା କରିଥିଲେ । କିନ୍ତୁ ତାହା ସବୁ ଆଶାରେ ରହିଗଲା। ମୂର୍ତ୍ତିର ଉଚ୍ଚତା କମିଗଲେ ସେମାନଙ୍କ ପାଉଣାତ କମିଯିବ ଏଥିସହିତ ତେଣୁ ଏହା ଜୀବନ ଜୀବିକା ପାଇଁ ଶକ୍ତ ଆଘାତ ହେବ। ଯାହା ଫଳରେ ସେମାନେ ଆର୍ଥିକ ଦୂରବସ୍ଥାର ସମ୍ମୁଖୀନ ହୋବା ସମ୍ଭାବନା ଅଧିକ । ଏସବୁ ସତ୍ତ୍ୱେ କରୋନାର ତୃତୀୟ ଲହର ପରି ଆମକୁ ସଜାଗ ରହିବାକୁ ହେବ। ସଂକ୍ରମଣ ହାର ନକମିଲେ ତାହା ଆମ ପାଇଁ ଚିନ୍ତାର କାରଣ ହେବ। ତେଣୁ କୋଭିଡ୍ ମୁକାବିଲା ପାଇଁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ହାତ ଧୋଇବା ହେଉଛି ସବୁଠାରୁ ବଡ ଅସ୍ତ୍ର।

ଆମ ସଂସ୍କୃତି ଜଗନ୍ନାଥ ସଂସ୍କୃତି । ଉତ୍କଳୀୟ ପରମ୍ପରାରେ ବାରମାସରେ ତେର ପର୍ବ ପାଳନ କରାଯାଏ । ଓଡିଶାର ପର୍ବପର୍ବାଣୀ ବିଭିନ୍ନ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ ।କେତେକ ପର୍ବ କୃଷି ଭିତିକ ହୋଇଥିବା ବେଳେ ଆଉ କେତେକ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ପାଳନ କରାଯାଇଥାଏ। ଏହି ସବୁ ପର୍ବ ଲୋକମାନଙ୍କ ମଧ୍ୟରେ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥାଏ। ସେହିପରି ସାହି-ସାହି ଓ ବସ୍ତି-ବସ୍ତି ମଧ୍ୟରେ ଏହା ସୁସମ୍ପର୍କ ସୃଷ୍ଟି କରିଥାଏ ।ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ବିକାଶରେ ଆଖିଝଲସିବା ମେଢ, ଶୋଭାଯାତ୍ରା ଦୁର୍ଗା ପୂଜାକୁ ଆହୁରି ସରସ ସୁନ୍ଦର କରିଥାଏ ।ଏହି ସବୁ ପୂଜାରେ ଜନସାଧାରଣ ଅପେକ୍ଷା କରିଥାନ୍ତି ଭସାଣି ସମୟକୁ । ଭସାଣି ବେଳର ଦୃଶ୍ୟ ଦୁରଦର୍ଶନ ମାଧ୍ୟମରେ ମଧ୍ୟ ପ୍ରଚାର-ପ୍ରସାର ହୋଇଥାଏ ।ଏହାର ଦୃଶ୍ୟ ଅବର୍ଣ୍ଣନୀୟ । ଏଥିସହିତ ପୂଜା ମଣ୍ଡପ ନିକଟରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଜନ ସମାଗମ ହୁଏ। ଯାହା ସନ୍ଧ୍ୟା ସମୟରେ ଏକ ନିଆରା ପରିବେଶ ସୃଷ୍ଟି କରିଥାଏ । ଆବାଳ-ବୃଦ୍ଧ-ବନିତା ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥାନ୍ତି। ଏଥର ଶାରଦୀୟ ପାର୍ବଣ ଋତୁ କରୋନା ଯୋଗୁଁ ଫିକା ପଡିଛି।ଆନ୍ତର୍ଜାତିକ ସ୍ତରରେ ଏହି କରୋନା ପ୍ରାୟ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ଆତଙ୍କିତ କରିରଖିଛି।ଏହାର ପ୍ରଭାବ ଅନ୍ୟାନ୍ୟ କ୍ଷେତ୍ର ସହିତ ଚଳିତ ବର୍ଷର ପାର୍ବଣ ଋତୁରେ ପଡୁଥିବା ପର୍ବମାନଙ୍କ ଉପରେ ଯଥେଷ୍ଟ ପରିଲକ୍ଷିତ ହୋଇଛି।

ଦେବଦର୍ଶନ, ଉପାସନା ମଣିଷର ଏକ ମୌଳିକ ଅଧିକାର। ଏହି ମହାମାରୀ ସମୟରେ ପୂଜା ନିରାଡମ୍ବର ଭାବେ ଓ ବିଧିରକ୍ଷା ପୂର୍ବକ ପାଳନ ହେବା ଦୋଷାବହ ନୁହେଁ । ଆୟୋଜକମାନେ ମଧ୍ୟ ରଥଯାତ୍ରା ପରି ସହଯୋଗ କରିବେ ଏଥିରେ ସନ୍ଦେହ ନାହିଁ ।ତେବେ ସରକାରଙ୍କ ଏହି କଠୋର କଟକଣା ଦ୍ୱାରା ମଣିଷର ଧାର୍ମିକ ସ୍ୱାଧୀନତାଟି ଯେ କ୍ଷୁର୍ଣ୍ଣ ହେଉଛି ଏହା ସରକାର ଚିନ୍ତା କରିବା ଦରକାର। ଏଦିଗକୁ ଅଣଦେଖା କଲେ ଚଳିବ ନାହିଁ । ଏଇଠି ମନେପଡୁଛି ୧୦୦ବର୍ଷ ତଳର ଦୁଇ ବର୍ଷିଆ ସ୍ପାନିସ୍ ଫ୍ଲୁ'ର କଥା । ସେହି ସମୟରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହେଇଥିଲା । ଗତ ବର୍ଷ ପରି ଏବର୍ଷ ମଧ୍ୟ ଇତିହାସର ପୂନରାବୃତ୍ତି ଘଟିଛି। ମୂର୍ତ୍ତି ଉଚ୍ଚତା ନୁହେଁ ବରଂ ଭକ୍ତିଭାବନା ହିଁ ବଡକଥା। ଆମକୁ ମନେ ରଖିବାକୁ ହେବ ଯେ ଜୀବନ ଆଗ ଆଉ ସବୁ ପଛ। ଏକଥାକୁ ଆମକୁ ଗୁରୁତ୍ୱ ଦେବାକୁ ହେବ।

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ : ଡକ୍ଟର କଲାମ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲାଥିଲେ। ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରିନଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକପୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବୈମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜି ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁପରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ) କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।

୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ। କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ। ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଂସ ଅଫ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅଫ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପିରଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରୟଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ।

# ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଲେ ଲକ୍ଷେ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦିନକୁ ଦିନ ବଢିବାରେ ଲାଗିଛି ଦୁର୍ଘଟଣା। ସ୍ଥିତି ଏମିତି ହେଲାଣି ଯେ, ଦୁର୍ଘଟଣାର ଶିକାର ହୋଇ ରାସ୍ତା ଉପରେ ହିଁ ଅନେକ ଲୋକ ପ୍ରାଣ ହରାଉଛନ୍ତି। ଯାହାକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବଢିଛି। ଦୁର୍ଘଟଣାକୁ ଏଡାଇବା ପାଇଁ କେନ୍ଦ୍ର ଠୁଁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଅନେକ ଯୋଜନା କରିଛନ୍ତି ସତ କିନ୍ତୁ କିଛି ଲାଭ ହେଉନାହିଁ। ତେଣୁ ସରକାର ଏବେ ଯେଉଁ ନିଷ୍ପତ୍ତି ନେଉଛନ୍ତି ଯାହାଦ୍ୱାରା ଦୁର୍ଘଟଣା କମିବ ବୋଲି ଆଶା ରଖିଛନ୍ତି ସରକାର।

ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଡାକ୍ତରଖାନା ନେଲେ ମିଳିବ ବଡ ପୁରସ୍କାର। ନୂଆ ଯୋଜନା ଲାଗୁ କଲେ ସରକାର। ଯେଉଁ ବ୍ୟକ୍ତିମାନେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଦୁର୍ଘଟଣାର ଘଣ୍ଟାଏ ମଧ୍ୟରେ ମେଡିକାଲ୍‌ରେ ପହଞ୍ଚାଇ ପାରିବେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ୫ହଜାର ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ କେନ୍ଦ୍ର ସରକାରଙ୍କ ସଡକ ଓ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନେକ ସମୟରେ ଦେଖାଯାଏ ହିଁ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ପୋଲିସ୍ ଭୟରେ ମେଡିକାଲ୍ ନେଇନଥାନ୍ତି ଲୋକେ। ତେଣୁ ରାସ୍ତାରେ ପଡି ଅଧିକାଂଶ ଲୋକଙ୍କ ପ୍ରାଣ ଚାଲିଯାଏ। ତେଣୁ ପୁରସ୍କାର ମାଧ୍ୟମରେ ଏହା କମି ପାରିବ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି। ତେବେ ମନ୍ତ୍ରଣାଳୟ ପକ୍ଷରୁ ଏ ସଂପର୍କରେ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳର ପରିବହନ ବିଭାଗକୁ ଚିଠି ଲେଖାଯାଇଛି। ତେଣୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଯୋଜନା ଚଳିତ ଅକ୍ଟୋବର ମାସ ୧୫ରୁ ଲାଗୁ ହେବ।



କେବଳ ଏତିକି ନୁହେଁ ୨୦୨୬ ପର୍ଯ୍ୟନ୍ତ ଏହି ଯୋଜନା କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯିବ ବୋଲି ସୂଚନା ମିଳିଛି। ଯେଉଁ ବ୍ୟକ୍ତିମାନେ ରାସ୍ତାରେ ଦୁର୍ଘଟଣାଗ୍ରସ୍ତର ଶିକାର ହୋଇଥିବାର ବ୍ୟକ୍ତିଙ୍କୁ ମେଡିକାଲ୍ ନେଇଥିବେ ସେମାନଙ୍କୁ କେବଳ ପୁରସ୍କାର ମିଳିବ ନାହିଁ ତାହା ନୁହେଂ ପ୍ରମାଣ ପତ୍ର ବି ମିଳିବ। ଏହା ସହ ରାଷ୍ଟ୍ରୀୟ ସ୍ତରରେ ୧୦ଜଣ ସହାୟତା ଚୟନ କରାଯିବ। ସେମାନଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଦୁର୍ଘଟଣାଗ୍ରସ୍ତଙ୍କୁ ଯେଉଁମାନେ ମେଡିକାଲ୍ ନେଉଛନ୍ତି ସେମାନଙ୍କ ତଥ୍ୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ ଏକ ୱେବ୍ ପୋର୍ଟାଲ୍‌ର ଶୁଭାରମ୍ଭ କରାଯାଇଛି। ପ୍ରତି ମାସରେ ପୋର୍ଟାଲ୍‌ରେ ଏ ନେଇ ସୂଚନା ଦିଆଯିବ। ଯେଉଁମାନେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିଥିବେ ତାଙ୍କ ସଂପର୍କରେ ସମସ୍ତ ତଥ୍ୟ ଏହି ପୋର୍ଟାଲ୍‌ରେ ଅପ୍‌ଲୋଡ କରାଯିବ ବୋଲି ସୂଚନା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେଇଛନ୍ତି ସେମାନଙ୍କୁ ପୋଲିସ୍ ଜୋର୍ ଜବରଦସ୍ତ ଥାନାକୁ ଡାକି ପାରିବ ନାହିଁ କିମ୍ବା ସାକ୍ଷୀ ଦେବାକୁ ବାଧ କରିପାରିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ମନ୍ତ୍ରୀଙ୍କ ବାସଭବନ ଘେରିଲେ ଡିପ୍ଲୋମା ଛାତ୍ରଛାତ୍ରୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବୈଷୟିକ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ବାସଭବନ ଘେରିଲେ ଡିପ୍ଲୋମା ଛାତ୍ରଛାତ୍ରୀ। ଶତାଧିକ ଡିପ୍ଲୋମା ଛାତ୍ରଛାତ୍ରୀ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛନ୍ତି। ବ୍ୟାକ୍ ପେପର ପରୀକ୍ଷା ଓ ଅଡ୍ ଇଭିନ୍ ସେମିଷ୍ଟାର ଉଚ୍ଛେଦ ଦାବିରେ ସେମାନେ ବିକ୍ଷୋଭ ପ୍ରଦର୍ଶନ ସହ ନାରାବାଜି କରିଛନ୍ତି। ଛାତ୍ରଛାତ୍ରୀ ଦାବି କରିଛନ୍ତି ଯେଉଁମାନଙ୍କର ଯେଉଁ ବର୍ଷ ବ୍ୟାକ୍ ଲାଗୁଛି ତା ପରବର୍ତ୍ତୀ ସମୟରେ ପରୀକ୍ଷା କରାଯାଉ। ସେହିପରି ଅନ୍‌ଲାଇନ୍‌ରେ ତୃତୀୟ ବର୍ଷ ସେମିଷ୍ଟାର ପରୀକ୍ଷା କରାଇବାକୁ ଦାବି କରିଛନ୍ତି ଛାତ୍ରଛାତ୍ରୀ। ଏଥିସହ ଓଜେଇଇ କାଉନସେଲିଂ ଭିତରେ ରେଜଲ୍ଟ ପ୍ରକାଶ



କରିବାକୁ ଦାବି କରିଛନ୍ତି। ଏହାପରେ ସେମାନେ ମନ୍ତ୍ରୀଙ୍କ ସହ ସମସ୍ୟା ନେଇ ଆଲୋଚନା କରିଥିଲେ। ଦାବି ଉପରେ ପ୍ରତିଶ୍ରୁତି ମିଳିଥିବା କହିଛନ୍ତି ଛାତ୍ରଛାତ୍ରୀ।

# କଳାହାଣ୍ଡିରେ ମିଳୁଛନ୍ତି ନକଲି ମାଷ୍ଟର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସରିଲା କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟା। ଓଟିଇଟି ସାର୍ଟିଫିକେଟ୍ ଯାଞ୍ଚ ସମୟରେ ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ। ଜଣେ କି ଦୁଇଜଣ ନୁହେଁ ବରଂ ନକଲି ମାଷ୍ଟର ଭାବେ ସାମ୍ନାକୁ ଆସିଛି ୧୨ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ନାମ। ସାର୍ଟିଫିକେଟ୍ ଯାଞ୍ଚ ସମୟରେ ୧୯ଟି ସାର୍ଟିଫିକେଟ୍ ସନ୍ଦେହ ଘେରକୁ ଆସିଥିଲା। ଫଳରେ ସେଗୁଡିକର ବୈଧତା ଜାଣିବା ପାଇଁ ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡକୁ ପଠାଯାଇଥିଲା। ସେଥିମଧ୍ୟରୁ ୧୨ଟି ଓଟିଇଟି ସାର୍ଟିଫିକେଟ୍ ଜାଲ୍ ବୋଲି ଜଣାପଡିଥିଲା। ଏହି ସମୟରେ ସମସ୍ତ ସାର୍ଟିଫିକେଟ୍‌କୁ କେତେକ ସିକ୍ଷକଶିକ୍ଷୟିତ୍ରୀ ସିଧାସଳଖ ଦାଖଲ କରିଥିଲେ। ଆଉ କିଛି ରେଗୁଲାର ପୋଷ୍ଟ ପାଇଁ ଦାଖଲ କରି ଚୁପ ବସିଥିଲେ। ୧୨ଟି ଜାଲ୍ ସାର୍ଟିଫିକେଟ୍ ମଧ୍ୟରୁ ଭବାନୀପାଟଣାରୁ ଗୋଟିଏ, ଏମ୍.ରାମପୁରରୁ ୨ଟି ଜୁନାଗଡରୁ କଲମପୁରରୁ ଗୋଟିଏ, ଥୁଆମୂଳ ରାମପୁରରୁ ୩ଟି ଓ କର୍ଲାମୁଣ୍ଡାରୁ ୨ଟି ସାର୍ଟିଫିକେଟ୍ ଦାଖଲ ହୋଇଥିବା ସୂଚନା ରହିଛି। ଶିକ୍ଷା ବିଭାଗ




ନକଲି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପରିଚୟ ଗୋପନ ରଖିଛି। ସେମାନଙ୍କୁ ଗୋଟିଏ ମାସ ସମୟ ଦିଆଯିବ। ଜାଲ୍ ସାର୍ଟିଫିକେଟ୍ ଦାଖଲ କରିବା ନେଇ ତାଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନି ବୋଲି କାରଣ ଦର୍ଶାଅ ନୋଟିସ୍ ଦିଆଯିବାକୁ ନିଷ୍ପତ୍ତି ହୋଇଛି। କାରଣ ଦର୍ଶାଅ ନୋଟିସ୍ ପରେ ନକଲି ମାଷ୍ଟରଙ୍କ ଉତ୍ତରକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି।

ଗତ କିଛି ମାସ ଧରି ଜିଲ୍ଲାରେ ନକଲି ଶିକ୍ଷକଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏପରିକି ଯାଞ୍ଚ ପ୍ରକ୍ରିୟାରେ ଅବହେଳା ଯୋଗୁଁ ଡିଇଓ ଏବଂ ବିଇଓଙ୍କ ଦରମା ବନ୍ଦ ଲାଗି ଟ୍ରେଜେରୀକୁ ମଧ୍ୟ ନିର୍ଦ୍ଦେଶ ମିଳିଥିଲା। ପରବର୍ତ୍ତୀ ସମୟରେ କଳାହାଣ୍ଡି ଜିଲ୍ଲାରେ ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ହେଲେ କେଉଁ ନୀତିନିୟମକୁ ଭିତ୍ତି କରି ଯାଞ୍ଚ କରାଯାଉଛି ତାହା ସ୍ପଷ୍ଟ ହୋଇପାରିନି। ଏବେ ବି କିଛି ନକଲି ମାଷ୍ଟର ଯାଞ୍ଚ ପ୍ରକ୍ରିୟାରୁ ବର୍ତ୍ତି ଯାଇଥିବା ଆଲୋଚନା ଜୋର ଧରିଛି।

# ଓଡ଼ିଶାରେ ବନ୍ଧୁକ କାରଖାନା


**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅନ୍ତର୍ଗତ ବାମ୍ ଗାଁ ଭୁଟୁଭୁଟି ସାହିରୁ ଏକ ଦେଶୀ ବନ୍ଧୁକ କାରଖାନା ଠାବ କରିଛି ପରଜଙ୍ଗ ପୋଲିସ୍। ଏଥି ସହିତ ମାଲିକ ମଙ୍ଗୁଲୁ ମହାରଣାଙ୍କୁ ଗିରଫ କରିବା ସହ ବନ୍ଧୁକ ତିଆରି କାରଖାନା ସାମଗ୍ରୀ ଜବତ କରାଯାଇଛି। ଦୀର୍ଘ ଦିନ ହେବ ମଙ୍ଗୁଲୁ ନିଜ ଘର ବାଡିରେ ଏହି ଦେଶୀ ବନ୍ଧୁକ ଗୁଡିକୁ ତିଆରି କରି ଆସୁଥିଲା।

ବିଶେଷ ସୂତ୍ରରୁ ଖବର ପାଇଁ ଗତ କାଲି ବିଳମ୍ବିତ ରାତିରେ ପରଜଙ୍ଗ ପୋଲିସ୍ ଓ ମହାବିରୋଡ ଫାଣ୍ଡି ଅଧିକାରୀଙ୍କ ମିଳିତ ଉଦ୍ୟମରେ ଚଢାଉ କରାଯାଇଥିଲା। ଚଢାଉ ବେଳେ କିଛି ଦେଶୀ ବନ୍ଧୁକ ଓ ବନ୍ଧୁକ ତିଆରି ସାମଗ୍ରୀକୁ ପୋଲିସ୍ ଜବତ କରିଥିଲା। କଙ୍କଡାହାଡ ଭଳି ଏକ ଆଦିବାସୀ ଅଧ୍ୟୁଷିତ




ଅଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ଏହି ଭୁଟୁଭୁଟି ସାହି କଳା କାରବାର କରିବା ପାଇଁ ବେଶ ସହାୟ ହୋଇଥିବା ଜଣାପଡିଛି। ଅପହଞ୍ଚ ଇଲାକାରୁ ବଡ ବଡ ସହରକୁ ଏହି ବନ୍ଧୁକ ସପ୍ଲାଇର ଚେର ଲମ୍ବିଥିବା ସୂଚନା ମିଳିଛି। ଏ ନେଇ ପରଜଙ୍ଗ ପୋଲିସ୍ ଅଧିକ ଖୋଳତାଡ ଜାରି ରଖିଛି।

# ଏସ୍‌ସିବିରେ ଶବ ପଚିଲା ପରେ ହସ୍ତାନ୍ତର



**କଟକ(ବାଦାମବାଡି):-** ଏସ୍‌ସିବିରେ ମୃତ୍ୟୁବରଣ କରୁଥିବା ଶବକୁ ପଚିବା(ଡି-କମ୍ପୋଜ୍)ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ସରକାର ଯୋଜନା ପରେ ଯୋଜନା କରିଚାଲିଛନ୍ତି। ହେଲେ ଏସ୍‌ସିବିରେ ଶବକୁ ସମ୍ମାନ ଦିଆଯାଉନଥିବା କୁହାଯାଉଛି। ନିର୍ଦ୍ଦିଷ୍ଟ ଏକ ବହୁଳ ପ୍ରସାରିତ ଖବରକାଗଜରେ ପ୍ରକାଶିତ ଖବରକୁ ପାଠକମାନେ ପଢିଲା ପରେ ଏପରି ଅଭିଯୋଗ କରୁଥିବା ଶୁଣାଯାଉଛି। ଏସ୍‌ସିବିରେ ଶବ ବ୍ୟବଚ୍ଛେଦ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରିକି ଶବ ପରିବାରବର୍ଗଙ୍କ ନିକଟକୁ ଯିବାକୁ ଦିନେ ଦୁଇଦିନ ସମୟ ଲାଗୁଛି। ଯାହାଫଳରେ ଶବଟି ପଚି ବା (ଡି-କମ୍ପୋଜ୍) ପରେ ପରିବାର ବର୍ଗ ନେଉଥିବାରୁ ଶବକୁ ଏସ୍‌ସିବିରେ ସମ୍ମାନ ଦିଆଯାଉନି ବୋଲି ଅଭିଯୋଗ ହେଉଛି।

ସନ୍ଧ୍ୟାରେ ଯଦି କାହାର ମୃତ୍ୟୁ ହୁଏ ତା'ପର ଦିନ ୧୧ଟା ହୋଇଯାଉଛି ବ୍ୟବଚ୍ଛେଦ ବେଳକୁ। ମାତ୍ର ୪/୫ ଘଣ୍ଟା ପରେ ବ୍ୟବଚ୍ଛେଦ ବନ୍ଦ। ଶବ ଆସିଲେ ବି ପରଦିନକୁ ଅପେକ୍ଷା କରିବାକୁ ପଡୁଛି। ଏସ୍‌ସିବିରେ ଏଭଳି ସ୍ଥିତିକୁ ନେଇ ମୃତଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ପ୍ରତିକ୍ରିୟା ବଢିବାରେ ଲାଗିଛି। ଅନ୍ୟମାନେ ଶବ ବ୍ୟବଚ୍ଛେଦ ପାଇଁ ଏଫ୍‌ଏମ୍‌ଟି ବିଭାଗ ଦିନ ୧୦ଟା ଖୋଲୁଥିବା ବେଳେ ଶତ କାଟିବା ପାଇ ମାତ୍ର ଜଣେ ଜଣେ କର୍ମଚାରୀ ଥିବାରୁ ଦିନକୁ ଅତି ବେଶିରେ ୧୦ ରୁ ୧୫ଟି ଶବ ବ୍ୟବଚ୍ଛେଦ ହୋଇପାରୁଛି। ବିଶେଷ କରି ସର୍ପାଘାତ, ବିଷକ୍ରିୟା, ହତ୍ୟା, ଦୁର୍ଘଟଣା ଭଳି କାରଣରୁ ମୃତ୍ୟୁ ହେଉଥିବା ରୋଗୀଙ୍କ ଶବ ବ୍ୟବଚ୍ଛେଦ ଜରୁରୀ। କିନ୍ତୁ ସେସବୁ ବାହାରରୁ ୧୫ଘଣ୍ଟା ଏପରିକି ୨୪ ଘଣ୍ଟା ପରେ ବି ମଧ୍ୟ ବ୍ୟବଚ୍ଛେଦ ହେଉଥିବାରୁ ଶବ ପଚି(ଡି-କମ୍ପୋଜ) ଯାଉଥିବାକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଉଛି। ଯାହାଫଳରେ ଶବକୁ ସମ୍ମାନ ଦିଆଯାଉନଥିବା ଅଭିଯୋଗ ହେଉଛି।

# ଜଗତସିଂହପୁରରେ ଗୋପବନ୍ଧୁଙ୍କ ଜନ୍ମବାର୍ଷିକ ପାଳିତ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ପୁଣ୍ୟାତ୍ମା ଉତ୍କଳ ମଣି ଗୋବନ୍ଧୁ ଦାସଙ୍କର ଜନ୍ମ ଜୟନ୍ତୀ ଜିଲ୍ଲାପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଗୋପବନ୍ଧୁଙ୍କର ଏକ ଫଟୋଚିତ୍ରକୁ ଜିଲ୍ଲାପାଳ ଉନ୍ମୋଚନ କରି କହିଲେ ଉତ୍କଳମଣି ଗୋପବନ୍ଧୁ ହେଉଛନ୍ତି ଜାତିର ଭଗିରଥ। ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ,ଲିପିସଂସ୍କାରର ମଧ୍ୟ ମୁଖ୍ୟ ଉଦ୍ୟୋକ୍ତା ତାଙ୍କର ନିଶ୍ୱାର୍ଥପର ଜନସେବା ଏବଂ ଆତ୍ମ ସ୍ୱର୍ଗ ନିଜ ପରିବାରର ସୁଖ,ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗ କରି ଏବଂ ନିଜର ପୁତ୍ରକୁ ମଧ୍ୟ ରୋଗ ଶଯ୍ୟାରେ ତ୍ୟାଗ କରି ଦିନ ଦୁଃଖୀ ଦରିଦ୍ରଙ୍କ ପାଇଁ ତାଙ୍କର ଯେଉଁ ଆତ୍ମସ୍ୱର୍ଗ ,ବଳିଦାନ ତାହା ଆଜି ଜାତିର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉତ୍କଳମଣିଙ୍କର ଯେଉଁ ଫଟୋଚିତ୍ରଟି ଆଜି ତାଙ୍କ ପୁଣ୍ୟ ତିଥିରେ ଉନ୍ମୋଚନ କରାଗଲା ,ତାହା ନିଶ୍ଚିତ ଭାବରେ ସର୍ବସାଧାରଣ,ଆମ ଜିଲ୍ଲାର ଯେଉଁମାନେ ଜିଲ୍ଲାପାଳଙ୍କ ଦପ୍ତରକୁ ଆସୁଛନ୍ତି ତଥା ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ସମସ୍ତଙ୍କୁ ଉଦବୁଧ୍ କରିବ। ଗୋପବନ୍ଧୁଙ୍କ ସେବାରେ ନିଜକୁ ନିୟୋଜିତ କରିବାପାଇଁ ଆଦର୍ଶ ଓ ପ୍ରେରଣା ଯୋଗାଇବ। ବିଶେଷ କରି ଏହା ତାଙ୍କର ଅମ୍ଳାନ ଦୀପଶିଖା ବ୍ୟକ୍ତିତ୍ୱପାଇଁ ଏହା ସଶବ୍ଦଶ୍ରଦ୍ଧାଞ୍ଜଳୀ। ଏହି ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀରଂଜନ ପଟ୍ଟନାୟକ ପୌରନିର୍ବାହୀ ଅଧିକାରୀ ଡଃ.ଅଶୋକ କୁମାର କର୍ଣ୍ଣ ,ଓଏସଡି ଡଃ ଶଶାଙ୍କ ଶେଖର ଲେଙ୍କା ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।



ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

ସଂପର୍କବାର୍ତ୍ତା

ଅକ୍ଟୋବର ୧୧ ରୁ ୧୭, ୨୦୨୧, ଜଗତସିଂହପୁର
October 11 to 17, 2021, Jagatsinghpur



# ଢେଙ୍କାନାଳ ଆଇଆଇଏମ୍‌ସିରେ ପାଠପଢ଼ା ଆରମ୍ଭ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଭାରତୀୟ ଜନ ସଞ୍ଚାର ସଂସ୍ଥାନ(ଆଇଆଇଏମ୍‌ସି)ର ୨୦୨୧-୨୨ ଶିକ୍ଷାବର୍ଷର ପାଠ୍ୟକ୍ରମ ଅନ୍‌ଲାଇନ୍ ମାଧ୍ୟମରେ ଆରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନରେ ଇଂରାଜୀ ସାମ୍ବାଦିକତାରେ ସ୍ନାତକୋତ୍ତ ଡିପ୍ଲୋମା ପାଠ୍ୟକ୍ରମ ଓ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ହୋଇଛି। ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିଛନ୍ତି ଆଇଆଇଏମ୍‌ସି ଢେଙ୍କାନାଳ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ।




ପ୍ରଥମ ସେମିଷ୍ଟାର ଆଇଆଇଏମ୍‌ସି ଢେଙ୍କାନାଳ, ଆଇଆଇଏମ୍‌ସି ଆଇଜଲ ଓ ଆଇଆଇଏମ୍‌ସି କୋଟ୍ଟାୟମ୍ ଶାଖାର ଇଂରାଜୀ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ମିଳିତ ଭାବେ ଆଇଆଇଏମ୍‌ସି ଢେଙ୍କାନାଳ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଆଇଆଇଏମ୍‌ସିର ଏହି ୩ଟି ଶାଖାରେ ଏଥର ୫୩ଜଣ ଇଂରାଜୀ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଶିକ୍ଷାର୍ଥୀ ଅଛନ୍ତି। ସେହିପରି ଓଡ଼ିଆ ସାମ୍ବାଦିକତାରେ ୧୯ଜଣ ଛାତ୍ରଛାତ୍ରୀ ଅଛନ୍ତି। ଶିକ୍ଷାବର୍ଷର ପ୍ରଥମ ଅଧିବେଶନରେ ଆଇଆଇଏମ୍‌ସି ଆଇଜଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ରୁତିଆନା ସାଇଲୋ ଏବଂ ଆଇଆଇଏମ୍‌ସି କୋଟ୍ଟାୟମ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅନିଲ କୁମାର ବଡାବାଥୁର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଆଇଆଇଏମ୍‌ସି ଢେଙ୍କାନାଳର ସହକାରୀ ପ୍ରଫେସର ଡ. ଜ୍ୟୋତି ପ୍ରକାଶ ମହାପାତ୍ର, ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତିଙ୍କ ସହ ତିନୋଟି ଶାଖାର ଶିକ୍ଷକ ଓ କର୍ମଚାରୀମାନେ ଯୋଗଦେଇଥିଲେ। ପରେ ତିନୋଟି ଶାଖାର ଶିକ୍ଷାର୍ଥୀଙ୍କ ସହ ଆଇଆଇଏମ୍‌ସି କୋଟ୍ଟାୟମ୍‌ର ମାଲାୟଲମ୍ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଛାତ୍ରଛାତ୍ରୀମାନେ ନିଜ ନିଜର ପରିଚୟ ଦେଇଥିଲେ। ଆସନ୍ତାକାଲି ଆଇଆଇଏମ୍‌ସିର ମହାନିର୍ଦ୍ଦେଶକ ପ୍ରଫେସର ସଞ୍ଜୟ ଦ୍ୱିବେଦୀ ପୂର୍ବାହ୍ନ ୧୦ଟାରେ ଆଇଆଇଏମ୍‌ସିର ସମସ୍ତ ୬ଟି ଶାଖାର ସବୁ ପାଠ୍ୟକ୍ରମର ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

# ଭଦ୍ରକରେ ଶିକ୍ଷୟିତ୍ରୀ ବହିଷ୍କୃତ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରି ନିଯୁକ୍ତି ପାଇଥିବା ଜଣେ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଚାକିରୀରୁ ବହିଷ୍କାର କରିଛନ୍ତି। ସଂପୃକ୍ତ ଶିକ୍ଷୟିତ୍ରୀ ଜଣକ ହେଉଛନ୍ତି ସୁଜାତାମଣୀ ପୁହାଣ। ସେ ବାସୁଦେବପୁର ସ୍ଥିତ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ।

ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ ପତ୍ରାଙ୍କ ନଂ ୭୫୧୬ ତା. ୪.୧୦.୨୦୨୧ରିଖରୁ ଏହା ଜଣାପଡିଛି। ଅଭିଯୋଗ ଅନୁଯାୟୀ ସେ ନୁଯୁକ୍ତି ସମୟରେ ଜାଲ୍ ପ୍ରମାଣପତ୍ର ଦାଖଲ କରିଥିବା ଅଭିଯୋଗ ହୋଇଥିଲା। ତେବେ ବିଭିନ୍ନ ସ୍ତରରେ ଶ୍ରୀମତୀ ପୁହାଣଙ୍କ ନାମରେ ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଅଚ୍ୟୁତାନନ୍ଦ ନାୟକ ନାମକ ଜନୈକ ବ୍ୟକ୍ତି ଏ ସଂପର୍କରେ ଗତବର୍ଷ ଏକ ଏକ ରିଟ୍ ପିଟିସନ୍ ଆଗତ କରିଥିଲେ । ମାତ୍ର ବିଭାଗୀୟ ଅଧିକାରୀମାନେ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଚାଲୁ ରହିଥିବା ଆଳରେ ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଘଣ୍ଟ ଘୋଡାଇ ଚାଲିଥିଲେ। ତେବେ ଚଳିତ ବର୍ଷ ଜାନୁଆରୀ ୨୧ ତାରିଖ ନ୍ୟାୟାଳୟ ଉକ୍ତ ମାମଲାର ଶୁଣାଣି କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ତୁରନ୍ତ ସାରି ମାର୍ଚ୍ଚ ୧ ତାରିଖ ସୁଦ୍ଧା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୭ ମାସ ବିତିଯାଇଥିଲେ ମଧ୍ୟ ଶ୍ରୀମତୀ ପୁହାଣଙ୍କ ବିରୁଦ୍ଧରେ କୌଣସି



ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ବରଂ ନିଜର ପକ୍ଷ ରଖିବା ବାହାନାରେ ତାଙ୍କ ସହିତ ଚିଠିର ଆଦାନ ପ୍ରଦାନ ଚାଲିଥିଲା। ତେଣୁ ନ୍ୟାୟାଳୟ ସ୍ପଷ୍ଟ ନିର୍ଦ୍ଦେଶ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଫାଇଲ୍ ତଳେ ଚାପି ହୋଇ ରହିଯାଇଥିଲା। ଏହି ପରିପ୍ରେକ୍ଷୀରେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ କୋର୍ଟ ଅବମାନନା ମାମଲା ଆଗତ କରିବା ପାରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏଥିନେଇ ନୋଟିସ୍ ଜାରି ହୋଇଥିଲା। ଏହାପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା। ଚଳିତ ମାସ ୪ ତାରିଖ ଶ୍ରୀମତୀ ପୁହାଣଙ୍କୁ ଚାକିରୀରୁ ବହିଷ୍କାର କରାଗଲା ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ଏହି ଘଟନାରେ ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗ ଅଧୀକ୍ଷକଙ୍କ ରିପୋର୍ଟରୁ ଶ୍ରୀମତୀ ପୁହାଣଙ୍କ ଜାଲ୍ କାରବାର ସଂପର୍କରେ ସିବଶେଷ ତଥ୍ୟ ମିଳିଛି। ଦୁର୍ନୀତି ନିବାରଣ ବିଭାଗର ତଦନ୍ତ ରିପୋର୍ଟ ଅନୁଯାୟୀ ଶ୍ରୀମତୀ ପୁହାଣ ୨୦୦୪ରୁ ୨୦୦୬ ମସିହା ପର୍ଯ୍ୟନ୍ତ ଅଟଳ ବିହାରୀ ମହାବିଦ୍ୟାଳୟରେ +୩ ବିଜ୍ଞାନ ପାଠ୍ୟକ୍ରମରେ ନିୟମିତ ଛାତ୍ରୀ ଭାବେ ନାମ ଲେଖାଇଥିଲେ। ଠିକ୍ ଏହି ସମୟରେ ସେ ସେହି ମହାବିଦ୍ୟାଳୟର ନୁନିୟର କଲେଜର ଭୋକେସନାଲ୍ ପାଠ୍ୟକ୍ରମରେ ମଧ୍ୟ ନାମ ଲେଖାଇଥିଲେ। ପରବର୍ତ୍ତୀ ସମୟରେ ଭୋକେସନାଲ ପ୍ରମାଣପତ୍ର ଆଧାରରେ ନୁଯୁକ୍ତି ପାଇଥିଲେ। ଯାହାକି ସଂପୂର୍ଣ୍ଣ ବେଆଇନ୍ ବୋଲି ଭିଜିଲାନ୍ସ ବିବାଗ ୨୦୧୭ ମସିହା ଫେବୃୟାରୀ ୨୮ ତାରିଖ ଦିନ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏପରି ସ୍ପଷ୍ଟ ପ୍ରମାଣ ଥାଇ ମଧ୍ୟ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କେତେକ କର୍ମଚାରୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଣ୍ଟ ଘୋଡାଇ ଚାଲିଥିଲେ। ଏପରିକି ଏହି ଅବଧି ମଧ୍ୟରେ ତାଙ୍କ ଚାକିରୀ ଚୁକ୍ତିକୁ ନବୀକରଣ କରିବାକୁ ମଧ୍ୟ ପଛାଇନଥିଲେ ବୋଲି ଅଭିଯୋଗ ହୋଇଥିଲା।

# ଚୋରି ସୁନା ପ୍ରେମିକାକୁ ଉପହାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଲୁଟ୍ ପଇସାରେ ପ୍ରେମିକାକୁ ସୁନାହାର ଉପହାର ଦେଇଥିଲା ପ୍ରେମିକ। ସୁନା ଅଳଙ୍କାର ସହ ନଗଦ ଟଙ୍କା ଜବତ କରିଛି ପୋଲିସ୍। ଏହି ଲୁଟେରା ଗ୍ୟାଙ୍ଗ ବିଭିନ୍ନ ସ୍ଥାନରୁ ଡିକି ତାଡି ଲୁଟ୍ କରିଥିବା ଅଭିଯୋଗ ହେଉଛି। ଏହି ଲୁଟେରା ଗ୍ୟାଙ୍ଗର ମାଷ୍ଟର ହେଉଛି ଦୟାସାଗର ଛତ୍ରିଆ, ଘର ସୋନପୁର ସହରରେ। ଗତ ଜୁଲାଇ ୧୭ ତାରିଖରେ ଏକ ଲୁଟ୍ ଘଟଣାର ଖୋଳତାଡ କରୁ କରୁ ପୋଲିସ୍ ହାତରେ ଲାଗିଥିଲା ଏହି ଲୁଟେରା ଗ୍ୟାଙ୍ଗ। ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଡିକି ଭାଙ୍ଗି ଲୁଟ୍ କରିଥିବା ଏମାନେ ସ୍ୱୀକାର କରିଛନ୍ତି। ୩ ଲୁଟେରା ଗିରଫ ହୋଇଥିବା ବେଳେ ସେମାନଙ୍କ ଠାରୁ ୧ଲକ୍ଷ ୯୦ ହଜାର ଟଙ୍କା ଏବଂ ସୁନାଗହଣା ଜବତ ହୋଇଛି। ଏହାସହ ବାଇକ୍ ଓ ସିମ୍ କାର୍ଡ ମଧ୍ୟ ଜବତ କରିଛି ପୋଲିସ୍। ଯାଞ୍ଚରୁ ଜଣାପଡିଛି ଦୟାସାଗର ଛତ୍ରିଆ ଲୁଟ୍ ପଇସାରେ ନିଜ ପ୍ରେମିକା ପାଇଁ ଦେଢ ଲକ୍ଷ ଟଙ୍କାର ସୁନା ଅଳଙ୍କାର କିଣି ଉପହାର ଦେଇଥିଲା। ସେସବୁକୁ ପୋଲିସ୍ ଜବତ କରିଛି।

# ଚିକିଣିଆ:ହଂସୁଆ ବନ୍ୟା ଓ ଗମନାଗମନ ମୁଖ୍ୟ ସମସ୍ୟା

ଜଗତସିଂହପୁର:ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ୍ ଅଧିନସ୍ଥ ଚିକିଣିଆ ଗ୍ରାମପଞ୍ଚାୟତଟି ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହି ପଂଚାୟତର ୧୩ଟି ୱାର୍ଡ ଓ ୩ଗୋଟି ରାଜସ୍ୱ ଗ୍ରାମ ଓ ୧ ଗୋଟି ପଡା ଗ୍ରାମକୁ ନେଇ ଅବସ୍ଥିତ। ଏହି ପଂଚାୟତରେ ୫ହଜାର ୬ଶହ ଲୋକ ସଂଖ୍ୟାକୁ ନେଇ ଅବସ୍ଥିତ। ଏହି ପଂଚାୟତର ୩ଗୋଟି ରାଜସ୍ୱ ଗ୍ରାମ ହେଲା ଚିକିଣଆ, କଳାଧାରୀ , ଏରଣ୍ଡପାଳ ଏବଂ ସାନ ଶାଳିଜଙ୍ଗା ୧ଟି ପଡା ଗ୍ରାମ ଅବସ୍ଥିତ। ଏହି ପଞ୍ଚାୟତର ମୁଖ୍ୟ ସମସ୍ୟା ହେଉଛି ହଂସୁଆ ବନ୍ୟାରେ ପ୍ରତିବର୍ଷ ୩ହଜାର ଏକର ଚାଷ ଜମି ଜଳମଗ୍ନ ହୋଇ ହଜାର ହଜାର ଚାଷୀଙ୍କର ଧାନ ଆଖୁ ,ପନିପରିବା ଫସଲ ହଂସୁଆ ବନ୍ୟାରେ ସମ୍ପୁର୍ଣ୍ଣ ନଷ୍ଟ ହୋଇ ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଉଛି। ଫଳରେ ପ୍ରତିବର୍ଷ ଏହି ହଂସୁଆ ନଦୀରେ ବାରମ୍ବାର ବନ୍ୟାଜଳ ପ୍ରବାହିତ ହୋଇ ହଜାର ହଜାର ଚାଷୀଙ୍କର ସମସ୍ତ ଫସଲ ମଷ୍ଟ କରିଦେଉଛି। ପ୍ରତିବର୍ଷ ହଂସୁଆ ଖନନ ନାମରେ କୋଟି କୋଟି ଟଙ୍କା ବିଲ କରାଯାଉଥିଲେ ହଂସୁଆର ଅବସ୍ଥା ଯଥା ପରଂମ ହୋଇ ପଡିରହିଛି।ଏହି ପଂଚାୟତର ଚିକିଣିଆ ଛକଠାରୁ ବର୍ତ୍ତୀ କେନାଲ ବନ୍ଧ ରାସ୍ତାଟି ଶୋଚନୀୟ ହୋଇପଡିଛି। ଏହି ପଂଚାୟତର ଗ୍ରାମ ଉନ୍ନୟନ ରାସ୍ତାଠାରୁ ବ୍ରାହ୍ମଣସାହି ରାସ୍ତା, କଳାଧାରୀ ଲକ୍ଷ୍ମୀଛକରୁ ବାରିକସାହି ରାସ୍ତା, ଲକ୍ଷ୍ମୀଛକରୁ ଦୈତାରୀ ନାୟକ ଘର ପର୍ଯ୍ୟନ୍ତ ରାସ୍ତା, ଚିକିଣିଆରୁ ତାରପୁର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ଏବଂ ସୋନିଆ ବରଠାରୁ ଗଉଡସାହି ଗଡାମୁଣ୍ଡ ରାସ୍ତା ଶୋଚନୀୟ। ଏହି ହଂସୁଆ ନଦୀର ଉଭୟ ପାର୍ଶ୍ୱରେ ୭ଫୁଟ ଉଚ୍ଚରେ ବନ୍ଧ ନିର୍ମାଣ କରାଯିବା ସହିତ ହଂସୁଆର ଶର୍ଯ୍ୟା ଖନନ କରାଗଲେ ବନ୍ୟାଜଳ ଶର୍ଯ୍ୟା ଭିତରେ ପ୍ରବାହିତ ହୋଇ ସମୁଦ୍ରରେ ମିଶିପାରନ୍ତା। ଯାହାଫଳରେ ହଂସୁଆ ବନ୍ୟାଜଳରେ ଏହି ଅଂଚଳର ହଜାର ହଜାର ହେକ୍ଟର ଚାଷଜମିରେ ହୋଇଥିବା ଫସଲ ରକ୍ଷା ପାଇପାରନ୍ତା।ଏହି ପଂଚାୟତର ସମସ୍ତ ଗ୍ରାମକୁ ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯାଉନାହିଁ। ସମସ୍ତ ଲୋକଙ୍କ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଆବଶ୍ୟକ।ପଂଚାୟତର ଅସମ୍ପୂର୍ଣ୍ଣ ହୋଇପଡିଥିବା ଢଳେଇ ରାସ୍ତା ଗୁଡିକୁ ସମ୍ପୂର୍ଣ୍ଣ ନିର୍ମାଣ କରାଯିବା ଆବଶ୍ୟକ।ଏହି ପଂଚାୟତର କେତେକ ଲୋକ ପାଇଖାନା ଯୋଜନାରୁ ବଂଚିତ ହୋଇଛନ୍ତି। ସମସ୍ତଙ୍କୁ ପାଇଖାନା ଯୋଗାଇ ଦେବା ଆବଶ୍ୟକ। ଏହି ପଂଚାୟତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବାର ଏକାନ୍ତ ଆବଶ୍ୟକ ଅଛି।


**ଏ ସମ୍ପର୍କରେ ସେମାନେ ଯାହା କହନ୍ତି :-**

୧.ଏହି ପଂଚାୟତଟିକୁ ଏକ ଆଦର୍ଶ ପଂଚାୟତ ଭାବେ ଗଢି ତୋଳିବା ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି। ଏହି ପଞ୍ଚାୟତର ସମସ୍ତ ଚିକିଣିଆ ଠାରୁ ଗୁଆଳିପୁର ରେଳ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଇଅଛି। ଅଧିକାଂଶ ଗ୍ରାମର ରାସ୍ତାକୁ ଢଳେଇରାସ୍ତା କରାଯାଇଅଛି। ଏହି ପଂଚାୟତରେ ୧୩ଟି ଛୋଟ ପୋଲ ନିର୍ମାଣ କରାଯାଇଅଛି। ୪ଟି ଗାର୍ଡୱାଲ, ୮ଟି ଢଳେଇରାସ୍ତା, ୩ଟି ଶ୍ମଶାନ ଗୃହ ନିର୍ମାଣ କରାଯାଇଅଛି। ପାଣ ନାଳି ୪ଗୋଟି କରାଯାଇଅଛି । ହଂସୁଆରେ ୮ଟି ଗାଧୁଆ ତୁଠ, ୧ଟି ଅଙ୍ଗନୱାଡି ଘର, ମିନିପାର୍କ, ପଂଚାୟତ ଭବନ, ଖେଳପଡିଆ, ଗୁହାଳ ୭ଟି, ଜିଆ ଖାତ, ୮ଟି ନଳକୂପ, ଧାନଖଳା ଗୋଟିଏ ନିର୍ମାଣ କରାଯାଇଛି। ଏହି ପଂଚାୟତରେ ୧୨୩ ଲୋକଙ୍କୁ ବିଧବା ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଅଛି। ୫୪ ଜଣଙ୍କୁ ନୂତନ ରାସନକାର୍ଡ ଦିଆଯାଇଛି। ଏଥି ସହିତ ୫୭ଜଣଙ୍କର ଆବାସ ମଂଜୁର ହୋଇଅଛି। କରୋନାର ସଫଳ ମୁକାବିଲା ନିମନ୍ତେ ଅସ୍ଥାୟୀ କେନ୍ଦ୍ର ସଫଳ ପରିଚାଳନା କରିଥିବାରୁ କନ୍ଧମାଳ ସାଂସଦଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛି। ଏହି ପଂଚାୟତର ଅନ୍ୟାନ୍ୟ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି।




**ଶର୍ମିଷ୍ଠା ସ୍ୱାଇଁ, ସରପଂଚ, ଚିକିଣିଆ ପଂଚାୟତ**

୨.ଏହି ପଂଚାୟତର ମୁଖ୍ୟ ସମସ୍ୟା ହେଉଛି ହଂସୁଆ ବନ୍ୟା। ଏହି ହଂସୁଆ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ଏହି ପଂଚାୟତର ହଜାର ହଜାର ଏକର ଚାଷଜମିରେ ହୋଇଥିବା ଫସଲ ଧାନ, ଆଖୁ, ପନିପରିବା ନଷ୍ଟ କରିଦେଉଛି। ଚାଷୀଙ୍କର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହି ହଂସୁଆ ବନ୍ୟାର ସ୍ଥାୟୀ ପ୍ରତିକାର କରାଯିବା ଆବଶ୍ୟକ। ଏହି ପଂଚାୟତର ସମସ୍ତ ଗ୍ରାମକୁ ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏବଂ ଅସମ୍ପୂର୍ଣ୍ଣ ସମସ୍ତ ଢଳେଇ ରାସ୍ତାକୁ ନିର୍ମାଣ କରାଯିବା ଆବଶ୍ୟକ।



**ଏମ.ଡି ମୌଯ୍ୟମ୍ ଅଲ୍ଲୀ, ୧ନଂ ୱାର୍ଡ ସଭ୍ୟ, ଚିକିଣିଆ ପଂଚାୟତ**

୩.ଏହି ପଂଚାୟତରେ କଲ୍ୟାଣ ମଣ୍ଡପ ଟିଏ ନିର୍ମାଣ କରାଯିବା ଆବଶ୍ୟକ। ଏହି ପଂଚାୟତର ବ୍ରାହ୍ମଣସାହି ଠାରୁ ଗ୍ରାମ ଉନ୍ନୟନ ରାସ୍ତା, ବାରିକ ସାହି ଠାରୁ କଳାଧାରୀ ଲକ୍ଷ୍ମୀ ଛକ ରାସ୍ତା, ଦୈତାରୀ ନାୟକ ଘରଠାରୁ ଲକ୍ଷ୍ମୀ ଛକରାସ୍ତା, ଚିକିଣିଆରୁ ତାରପୁର ପେଟ୍ରୋଲ ପମ୍ପ ରାସ୍ତା, ଚିକିଣିଆ ସ୍କୁଲଠାରୁ ବର୍ତ୍ତୀ ଛକ ରାସ୍ତା, ସୋନିଆ ବରଠାରୁ ଗଉଡ ସାହି ଗଣ୍ଡାମୁଣ୍ଡ ରାସ୍ତା ତୁରନ୍ତ ଢଳେଇ ରାସ୍ତା କରାଯିବା ଆବଶ୍ୟକ। ଏହି ପଂଚାୟତର ୪ନଂ ୱାଡରୁ ୧ନଂ ୱାର୍ଡ ପର୍ଯ୍ୟନ୍ତ ପାଇପ ପାନୀୟ ଜଳ ଯୋଗାଣ କରାଯାଉନାହିଁ। କଳାଧାରୀ ଓ ଏରଣ୍ଡପାଳରେ ୨ଟି ଧାନଖଳା କରାଯାଉ।



**ବିଷ୍ଣୁଚରଣ ସେଠୀ, ପୂର୍ବତନ ସରପଂଚ**

୪.ଚୀନର ଦୁଃଖ ହୋୟାଂହୋ ନଦୀ ହୋଇଥିବା ବେଳେ ଏହି ପଂଚାୟତର ଦୁଃଖ ହେଉଛି ହଂସୁଆ ନଦୀ। ଏହି ହଂସୁଆ ବନ୍ୟାର ସ୍ଥାୟୀ ପ୍ରତିକାର କରାଯିବା ଆବଶ୍ୟକ। ଚିକିଣିଆ ଠାରୁ ବର୍ତ୍ତୀ ପର୍ଯ୍ୟନ୍ତ ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣ କରାଯାଉ। ଏହି ପଂଚାୟତର ସମସ୍ତ ୱାର୍ଡକୁ ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯାଉ। ଏହି ପଂଚାୟତର ସମସ୍ତ ଲୋକଙ୍କୁ ପାଇଖାନା ଯୋଗାଇ ଦେବା ସହିତ ସମସ୍ତ ଘରକୁ ବସୁଧା ଯୋଜନାରେ ପାଇପ ଯୋଗେ ଜଳ ଯୋଗାଇ ଦିଆଯାଉ।



**ସୁନାକର ସାହୁ , ୪ନଂ ୱାର୍ଡ ସଭ୍ୟ, ଚିକିଣିଆ ପଂଚାୟତ**

## ପାଠକଙ୍କୁ ରହିଲା ରାଣ ! ହସିବ ନାହିଁ

# ଶବ ଉଠି ସିଗାରେଟ୍ ଟାଣି ଦୌଡିଲା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାତ୍ରିବେଳା ଗୋଟିଏ ଟ୍ରକ୍ କୋରନାର ଶବକୁ ନେଇ ଭୁବନେଶ୍ୱରରୁ ପୁରୀ ବାଟ ମଝିରେ ଡ୍ରାଇଭର ଏବଂ ହେଲ୍‌ପରଙ୍କୁ ଟା ଖାଇବାକୁ ନିଶା ଘାରିଲା। ସେଥିପାଇଁ ପିପିଲି ବାଇପାସର ରାସ୍ତା କଡରେ ସେମାନେ ଗାଡି ରଖିଦେଇ ଡ୍ରାଇଭର ଓ ହେଲ୍‌ପର ଚା ପିଇବାକୁ ଓହ୍ଲାଇଲେ। ସେମାନେ ଚା ଦୋକନାରେ ବସି ଚା ପିଉଛନ୍ତି। ଏପଟେ ଗୋଟିଏ ଲୋକ ପୁରୀ ଯିବା ଉଦ୍ଦେଶ୍ୟରେ ଘରୁ ବାହାରି ରାସ୍ତାକଡରେ ଅପେକ୍ଷା କରି ଅନେକ ରାତି ବିତିଗଲା ପରେ ଗାଡି ନ ପାଇ ଏପଟ ସେପଟ ରାସ୍ତା ଉପରେ ବୁଲୁଥାଏ। ହଠାତ୍ ଲୋକଟି ଟ୍ରକ ଟିକୁ ଦେଖି ଭାବିଲା ଟ୍ରକ୍ ଟି ଖାଲି ଡ୍ରାଇଭର ଏବଂ ହେଲ୍‌ପରଙ୍କୁ ନ ଅନେଇ ଚଢି ଜିବ। ଯେପରି ଭାବନା ସେପରି କାର୍ଯ୍ୟ ଟ୍ରକ୍‌ରେ ଚଢି ଗଲା। ଚଢିଯାଇ ଅନ୍ଧକାର ମଧ୍ୟରେ ଶବ ଉପରେ ଯାଇ ବସିଗଲା, କାରଣ ଅନ୍ଧାରରେ କିଛି ଦେଖା ଯାଉନଥାଏ। ଏହାପରେ ଡ୍ରାଇଭର ଏବଂ ହେଲ୍‌ପର ଚା ପିଆ ଶେଷ କରି ଯଥାରିତି ଗାଡି ଚଳାଇଥାଆନ୍ତି। ତେଇଶିପରୁ ପରେ ଟ୍ରକ୍‌ରେ ବସିଥିବା ଲୋକଟା ଗୋଟିଏ ସିଗାରେଟ୍ ଲଗେଇ ମନ ଖୁସିରେ ଟାଣିବାକୁ ଲାଗିଲା। ହଠାତ୍ ହେଲ୍‌ପର୍‌ର ଦୃଷ୍ଟି ପଡିବା ମାତ୍ରେ ଦେଖିଲା ପଛରେ ଶବଟି ବସି ସିଗାରେଟ୍ ଟାଣୁଛି। ହେଲ୍‌ପର ଡରି ଡରି ଡ୍ରାଇଭରକୁ କହିଲା- ଓସ୍ତାଦ୍ ଗାଡି ଠିଆ କର, ଓସ୍ତାଦ୍-କାହିଁକି ?, ହେଲ୍‌ପର- ପଛକୁ ଚାହିଁ ଦେଖ ଶବଟା ବସି ସିଗାରେଟ୍ ଟାଣୁଛି।, ଓସ୍ତାଦ୍- ଭାଗ, ଏଟା କି ସମ୍ଭବ କଥା !, ହେଲ୍‌ପର ଆପଣ ଦେଖନ୍ତୁ ନା ?, ଏଥର ଯଶୁଆପରୁ ଗାଁ ମୁଣ୍ଡରେ ଦୁଇଜଣ ଯାକ(ଡ୍ରାଇଭର ଏବଂ ହେଲ୍‌ପର) ଗାଡିକୁ ଠିଆ କରି ପଛରେ ଚାହିଁଲେ। ଶବ ଉପରେ ବସିଥିବା ଲୋକଟା ସିଗାରେଟ୍ ଟାଣୁ ଟାଣୁ କହିଲା- କିରେ ଗାଡି କାହିଁକି ଅଟକାଇଲ ?, ଏହାଶୁଣି ଓସ୍ତାଦ୍ କହିଲା- ସାର୍ କାମ ଅଛି, ଏହାପରେ ଦୁଇଜଣ ଜାକ ଗାଡିରୁ ଡେଇଁ ପ୍ରାଣପଣେ ଦୌଡିଲେ। ଏମାନଙ୍କର ଦଉଡିବା ଦୃଶ୍ୟ ଦେଖି ଲୋକଟି ଭାବିଲା ମନେହୁଏ କୌଣସି ସମସ୍ୟା ହୋଇଛି, ନଚେତ୍ ସେମାନେ ଏପରି ଦୌଡିଲେ କାହିଁକି ?, ବସି ରିଲେ ସେ ମଧ୍ୟ ବିପଦରେ ପଡିବ ଭାବି ସେ ସେମାନଙ୍କ ପଛେ ପଛେ ଦୌଡିବା ଆରମ୍ଭ କରିଦେଲା। ହେଲ୍‌ପର ପଛକୁ ଚାହିଁ ଦେଖିଲା ଶବଟା ସେମାନଙ୍କ ପଛେ ପଛେ ଦୌଡୁଛି।, ହେଲ୍‌ପର୍ କହିଲା-ଓସ୍ତାଦ୍ ! ଆଜି ଆଉ ରକ୍ଷା ନାହିଁ, ଏ ଶବଟା ମଧ୍ୟ ଆମ ପଛରେ ଦୌଡୁଛି। ଶୀଘ୍ର ଜୀବନ ବଞ୍ଚେଇ ଚାଲ।

# ସାରସତ ପରିଷଦ ପକ୍ଷରୁ ବିଶ୍ୱ ଶିକ୍ଷକ ଦିବସ ଓ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ




**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ କଲେଜଛକସ୍ଥିତ ଗାୟତ୍ରୀ ଏଜୁକେଶନ ପଏଣ୍ଟ ଠାରେ ବିଶ୍ୱଗୁରୁ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅଧ୍ୟପକ ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତସଭାରେ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ ଯୋଗଦେଇଚଳିତ ବର୍ଷ ବିଶ୍ୱଶିକ୍ଷକ ଦିବସରେ ବିଷୟବସ୍ତୁ ଶିକ୍ଷକ ମାନେ ଶିକ୍ଷା ପୁନଃ ରୁଦ୍ଧାର ମୂଳ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ସାହିତ୍ୟ ଏକାଡେମୀର ସଦସ୍ୟ ଅକ୍ଷୟ କୁମାର ରାଉତ ଆଲୋଚନାରେ ଅଂଶଗ୍ରହଣ କରି ଶିକ୍ଷକ ମାନେ ହିଁ ଜାତି ନିର୍ମାତା ଓ ଶ୍ରେଣୀ ଗୃହରେ ସେମାନେ ଦେଶର ଭବିଷ୍ୟତ ଗଢି ଥାନ୍ତି ବୋଲି ମତଦେଇଥିଲେ। ଏହି ଅବସରରେ ସାରସ୍ୱତ ପରିଷଦ ତରଫରୁ ସାତଜଣ କୃତି ଶିକ୍ଷକ ରବୀନ୍ଦ୍ର ନାଥ ତ୍ରିପାଠୀ,ବଂଶୀଧର ଆଚାର୍ଯ୍ୟ,ବସନ୍ତ କୁମାର ଦାସ,ଲକ୍ଷ୍ମୀକାନ୍ତ ମିଶ୍ର,ସାରଦାପ୍ରସନ୍ନ ସିଂହ,ବସନ୍ତ କୁମାର ଲେଙ୍କା ଓ ପ୍ରଧାନ ଶିକ୍ଷକ ପ୍ରକାଶ ରଂଜନ ଦାଶ ଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ଦେଇ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଗାୟତ୍ରୀ ଏଜୁକେଶନ ପଏଣ୍ଟର ନିର୍ଦ୍ଦେଶିକା ଶାସ୍ୱତି ଶୁଭଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୀମା ନିର୍ଦ୍ଧାରଣ ମାମଲା କାର୍ଯ୍ୟକାରୀ ପ୍ରଶିକ୍ଷଣ ଶିବିର



**ଜଗତସିଂହପୁର:** ସୀମା ନିର୍ଦ୍ଧାରଣ ମାମଲା କାର୍ଯ୍ୟକାରୀ ସମ୍ବନ୍ଧରେ ଏକ କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଜଗତସିଂହପୁର ଜିଲ୍ଲା ପ୍ରଶାସନ ସଦଭାବନା ସଭାଗୃହ ଠାରେ ଅକ୍ଟୋବର ୭ତାରିଖ ୨୦୨୧ରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ଏହି ପ୍ରଶିକ୍ଷଣ ଶିବିର ରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ପଡା ଗ୍ରାମକୁ ମୂଳ ରାଜସ୍ୱ ଗ୍ରାମରୁ ପୃଥକ୍ କରି ନୂତନ ରାଜସ୍ୱ ଗ୍ରାମ ଘୋଷଣା କରିବା ନିମନ୍ତେ ତହସିଲଦାର ମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେନିର୍ଦ୍ଦେଶ ଦିଆଯାଇଛି। ତେଣୁ ଏହି ପ୍ରଶିକ୍ଷଣ ଶିବିର ନିଶ୍ଚିତ ରୂପରେ ସଠିକ ଭାବରେ ରେକର୍ଡ ପ୍ରସ୍ତୁତ କରି ଜିଲ୍ଲା କାର୍ଯ୍ୟାଳୟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରିବାରେ ତହସିଲଦାର ମାନଙ୍କୁ ସହାୟକ ହେବ। ଉକ୍ତ କେସ ରେକର୍ଡ ଗୁଡିକର ଉପଯୁକ୍ତ ଯାଞ୍ଚ କରାଯାଇ ବୋର୍ଡ ଅଫ ରେଭିନ୍ୟୁଙ୍କ ନିକଟକୁ ଆବଶ୍ୟକୀୟ ମଞ୍ଜୁରୀ ନିମନ୍ତେ ପ୍ରେରଣ କରାଯିବ। ସର୍ବ ପ୍ରଥମେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ,ରିସୋର୍ସ ପର୍ସନ ମାନସରଂଜନ ସାମଲ,ଯୁଗ୍ମ ସଚିବ ଭୂସମ୍ପତ୍ତି ବିଭାଗ ଓ ସାଧାରଣ ପ୍ରଶାସନ ଏବଂ ସର୍ବସାଧାରଣ ଅଭିଯୋଗଙ୍କୁ ଏହି ପ୍ରଶିକ୍ଷଣ ଶିବିରକୁ ସ୍ୱାଗତ କରିଥିଲେ। ସମସ୍ତ ତହସିଲଦାର,ଅତିରିକ୍ତ ତହସିଲଦାର ଓ ରାଜସ୍ୱସୁପରଭାଇଜର ମାନଙ୍କୁ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ଶ୍ରୀଯୁକ୍ତ ସାମଲ ସୀମାନିର୍ଦ୍ଧାରଣ ମାମଲା କାର୍ଯ୍ୟକାରୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରିଶେଷରେ ପ୍ରଶ୍ନୋତ୍ତରକାର୍ଯ୍ୟକ୍ରମ ମଧ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ,ଡେପୁଟି କଲେକ୍ଟର ଅଜୟ କୁମାର ମହାନ୍ତି,ଜିଲ୍ଲା ରାଜସ୍ୱ ବିଭାଗ ମଧ ଯୋଗଦାନ କରିଥିଲେ। ଶେଷରେ ଡେପୁଟି କଲେକ୍ଟର ଅଜୟ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଜିଲ୍ଲାପାଳଙ୍କ ଅନୁମତି କ୍ରମେ କର୍ମଶାଳାକୁ ସମାପ୍ତ କରାଯାଇଥିଲା।

# ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଦାଶଙ୍କ ବିୟୋଗରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଶୋକ



**ବ୍ରହ୍ମପୁର(ରବି ରଥ):-** ଓଡ଼ିଶାର ଜଣେ ଜଣାଶୁଣା ବରିଷ୍ଠ ସାମ୍ବାଦିକ ତଥା ସାପ୍ତାହିକ ଜନତନ୍ତ୍ରର ପ୍ରତିଷ୍ଠାତା ସମ୍ପାଦକ ବିବେକାନନ୍ଦ ଦାଶଙ୍କ ବିୟୋଗରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ସମ୍ପାଦକ ଥିବା ବେଳେ ଓଡ଼ିଶାରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ଅନ୍ୟାୟ ଛଟେଇ, ବହିଷ୍କାର ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ । ଜନତନ୍ତ୍ର ନାମକ ସମ୍ବାଦପତ୍ର ପ୍ରକାଶ କରି ରାଜ୍ୟର ପ୍ରମୁଖ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବାରେ ସମର୍ଥ ହୋଇପାରିଥିଲେ। ବିଶେଷକରି ଦଳିତ, ନିଷ୍ପେସିତ ଅଞ୍ଚଳର ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ପ୍ରୟାସ କରିଥିଲେ । ତାଙ୍କ ବିୟୋଗ ସାମ୍ବାଦିକ ମହଲରେ ଅପୂରଣୀୟ କ୍ଷତି ଘଟିଛି । ସେ କୌଣସି ପରିସ୍ଥିତିରେ ଜୀବନସାରା କାହା ସହିତ ସାଲିସ କରିନାହାନ୍ତି। ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମହାସଂଘ ସଭାପତି ଶ୍ରୀ ରଥ ସମବେଦନା ଜ୍ଞାପନ କରିଛନ୍ତି।

# ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଜଳଦ କୁମାର ତ୍ରିପାଠୀଙ୍କ ଶପଥ ଗ୍ରହଣ




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଶ୍ରୀ ଜଳଦ କୁମାର ତ୍ରିପାଠୀ ଆଜି ଶପଥ ଗ୍ରହଣ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଜି ପୂର୍ବାହ୍ନରେ ରାଜ ଭବନର ଅଭିଷେକ ହଲଠାରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନବ ନିଯୁକ୍ତ ମୁଖ୍ୟ ସୂଚନା ଆୟୁକ୍ତ ତ୍ରିପାଠୀଙ୍କୁ ଓଡିଆରେ ଶପଥପାଠ କରାଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ରାଜ୍ୟପାଳଙ୍କ ଅନୁମତି କ୍ରମେ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତି ପତ୍ର (ଓାରଣ୍ଟ ଅଫ୍ ଆପଏଣ୍ଟମେଣ୍ଟ ପାଠ କରିଥିଲେ। ଶପଥ ପାଠ ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସେଠୀ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ ପରେ ଶପଥ ଗ୍ରହଣ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହି ଉତ୍ସବରେ ଯୋଗ ଦେଇଥିଲେ।

ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କଟକ-ଭୁବନେଶ୍ୱର ଆରକ୍ଷୀ ଆୟୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ତ୍ରିପାଠୀଙ୍କ ସହଧର୍ମିଣୀଙ୍କ ସମେତ ପରିବାରର ସଦସ୍ୟ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ଡଃ. ଲେନିନ୍ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଏହି ଉତ୍ସବରେ ଉପସ୍ଥିତ ଥିଲେ।

# ଋଷୀ ହତ୍ୟା ଓ ପ୍ରିୟଙ୍କା ଗାନ୍ଧୀଙ୍କ ଗିରଫ ଦାରୀ ପ୍ରତିବାଦରେ ଜିଲ୍ଲା କଂଗ୍ରେସର ଗଣଧାରଣା



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଉତ୍ତରପ୍ରଦେଶ ରେ ବିଜେପି ସରକାର ଦ୍ୱାରା ଋଷୀଙ୍କୁ ହତ୍ୟା ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଗିରଫଦାରୀ ପ୍ରତିବାଦରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ନେତୃତ୍ୱରେ ଆଜି ଅପରାହ୍ନରେ ଥାନା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଏହି ଧାରଣା ରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ,ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ ସାମନ୍ତରାୟ,ନିରଞ୍ଜନ ମହାପାତ୍ର,ଜିଲ୍ଲା ସାଧାରଣ ସଂପାଦକ ମହମ୍ମଦ୍ ସମିମ୍ ,ଆମିନୁଷ ସାଜେଦ୍ଦିନ,ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସଂପାଦକ ଲିପକ ସାହୁ,ବିଧାନସଭା ଯୁବ କଂଗ୍ରେସ ସଭାପତି ସ୍ୱରୂପ କାନୁନଗୋ,ଜିଲା ଯୁବ କଂଗ୍ରେସ ସାଧାରଣ ସଂପାଦକ ଅନିଲ ଦାସ,ହିମାଂଶୁ ପରିଜା,ସରପଞ୍ଚ ବୀରବର ପରିଡା,ନାରାୟଣ କାନୁନଗୋ,ଜିଲ୍ଲା ଯୁବକଂଗ୍ରେସ କୋଷାଧକ୍ଷ ବିଜୟ ବିଶ୍ୱାଳ ଯୋଗଦେଇ ଉତ୍ତରପ୍ରଦେଶ ବିଜେପି ସରକାର ନିରିହ ଋଷୀମାନଙ୍କୁ ଗାଡି ଚଢାଇ ହତ୍ୟାକୁ ଘୋର ନ୍ଦା କରିବା ସହିତ ଋଷୀଙ୍କ ପରିବାରକୁ ଆଶ୍ୱାସନା ଦେବାକୁ ଯାଇଥିବା ପ୍ରିୟଙ୍କା ଗାନ୍ଧୀଙ୍କୁ ଗିରଫକୁ ନେଇ କଡା ସମାଲୋଚନା କରିଥିଲେ। ତୁରନ୍ତେ ଯଦି ଉତ୍ତରପ୍ରଦେଶ ବିଜେପି ସରକାର ନିସର୍ତ୍ତ ଭାବେ ପ୍ରିୟଙ୍କା ଗାନ୍ଧୀକୁ ନଛାଡନ୍ତି ତେବେ ସାରାଭାରତ ବର୍ଷରେ ରାଜ ରାସ୍ତାରେ ଆନ୍ଦୋଳନ ଜୋରଦାର ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର କଂଗ୍ରେସର ଉପସଭାପତି ସୁନିଲ ଦାସ,ସମିତି ସଭ୍ୟ ପ୍ରଶାନ୍ତକୁମାର ନାଥ,ଅନନ୍ତ ବାସୁଦେବ ମିଶ୍ର,ନିରଞ୍ଜନ ସେନ,ଜ୍ଞାନରଂଜନ ପୁଷ୍ଟି,ମାନସ ରଥ,ହେଦୟତ୍ ଅଲ୍ଲୀ ପ୍ରମୁଖ ବହୁ କଂଗେସ କର୍ମୀ ଯୋଗଦେଇ ଧାରଣାରେ ବସିଥିଲେ।

# ପ୍ରଧାନଶିକ୍ଷକ ପ୍ରକାଶ ରଞ୍ଜନ ଦାଶ ପାଇଲେ ପ୍ରକୃତିବନ୍ଧୁ ପୁରସ୍କାର




**ବିରିଡି(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ମଈନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ରଞ୍ଜନ ଦାଶ ଓଡିଶା ସରକାର ଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ୨୦୨୧ ନିମନ୍ତେ ପ୍ରକୃତି ବନ୍ଧୁ ପୁରସ୍କାର ରେ ପୁରସ୍କୃତ ହୋଇଛନ୍ତି। ଆଜି ଜଗତସିଂହପୁର ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଅଧିକାରୀ ରାଜଶ୍ରୀ ସାହୁ,ସମ୍ମାନୀତ ଅତିଥି ଭାବେ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ମହାନ୍ତି,ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ,ପରିବେଶବିତ୍ ଉତ୍କଳରଂଜନ ମହାନ୍ତି ଯୋଗଦେଇ ପ୍ରଧାନ ଶିକ୍ଷକ ପ୍ରକାଶ ରଞ୍ଜନ ଦାଶଙ୍କୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରୋତ୍ସାହନ ସ୍ୱରୂପ ଅର୍ଥରାଶି ସହିତ ମାନପତ୍ର ଓ ପୁଷ୍ପଗୁଚ୍ଛଦେଇ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। ଅଲଣାହାଟ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମୁଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲା ବେଳେ ଜିଲ୍ଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟର ସହାୟକ ରଶ୍ମୀରଂଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଈନ୍ଦିପୁରରେ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ପାଳିତ



**ବିରିଡି(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଈନ୍ଦିପୁର ଠାରେ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ରଞ୍ଜନ ଦାଶ କହିଥିଲେ କେଉଁ ଆଦିମ କାଳରୁ ଅରଣ୍ୟର ପଶୁପକ୍ଷୀ ମାନଙ୍କ ସହିତ ମନୁଷ୍ୟର ସ୍ଥାପିତ ହୋଇଛି ଏକ ଆତ୍ମିୟଭାବ। ଆଜିର ମନୁଷ୍ୟ ନିର୍ବିଚାରରେ ଜଙ୍ଗଲ ଧ୍ୱଂଶ କରିବା ସହିତ ହତ୍ୟା କରୁଛି ନୀରିହ ବନ୍ୟଜନ୍ତୁ ମାନଙ୍କୁ । ତେବେ ବନ୍ୟଜନ୍ତୁ ଙ୍କୁ ସୁରକ୍ଷା ଦେବାକୁ ହେଲେ ବ୍ୟାପକ ମାତ୍ରାରେ ଜନସଚେତନତା ଆବଶ୍ୟକ ରହିଛି। ତେଣୁ ଆମେମାନେ ଜଙ୍ଗଲ କୁ ଧ୍ୱଂସ ନକରି ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାପାଇଁ ନିଜେ ସଚେତନା ହେବା ସହ ଅନ୍ୟମାନଙ୍କୁ ସଚେତନତା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତ ଲଳିତ ନାରାୟଣ ଦାଶ,ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସ୍ନିଗ୍ଧା ଦାସ,ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା କାନୁନଗୋ,ଶିକ୍ଷକ ସତ୍ୟବ୍ରତ ରଥ ଯୋଗଦେଇ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ପାଳନ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗି ଛାତ୍ରଛାତ୍ରିଙ୍କ ମଧ୍ୟରେ ଅଭିଜିତ ସାହୁ,ଅନନ୍ତଶେଖର ଦାଶ,ଲିଜା ସ୍ୱାଇଁ,ସୋନାଲିକା ପ୍ରଧାନ,ଜୀତାପ୍ରିୟଦର୍ଶିନୀ ପ୍ରଧାନ,ଲୋକନାଥ ଭୋଇ,ଶୁଭମ ସ୍ୱାଇଁ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସ୍ୱାତିକା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଗାମୀ ଓଡିଶା ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜାତୀୟ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଜଗତସିଂହପୁର ଗୋପବନ୍ଧୁ ପାର୍କ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପବିତ୍ର ଜୟନ୍ତୀ କରୋନା ଯୋଗୁଁ ନିରାଡମ୍ବର ଭାବେ ପାଳିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପବନ୍ଧୁ ପାର୍କ ପରସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ଜିଲ୍ଲା ଓକିଲ ସଂଘ ସଭାପତି ତଥା ପୂର୍ବତନ ପବ୍ଲିକ ପ୍ରସିକ୍ୟୁଟର ବରିଷ୍ଠ ଆଇନଜୀବି ରାଜକିଶୋର ଖଟୁଆ ଯୋଗଦେଇ ମାଲ୍ୟାର୍ପଣ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଅନିର୍ବାଣ ଆଲୋକ ଓଡିଆ ଜାତିକୁ ଚିରଦିନ ଆଲୋକିତ କରୁଥିବ ବୋଲି କହିଥିଲେ । ତାଙ୍କରି ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେବା ଏକାନ୍ତ ଆବଶ୍ୟକ ଏବଂ ତାଙ୍କୁ ଭାରତ ରତ୍ନ ଦିଆଯିବକୁ ସେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ କୁର୍ତାଙ୍ଗ ସ୍ୱାମୀ ଅରୁପାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅଜୟ କୁମାର ଦାସ ଯୋଗ ଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେଲେ ଭାରତରେ ରାମ ରାଜ୍ୟ ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ସୁରେଶଚନ୍ଦ୍ର ରାଉତ ଯୋଗଦେଇ ଗୋପବନ୍ଧୁ କେବଳ ଉତ୍କଳର ମଣି ନଥିଲେ ସେ ଥିଲେ ବିଶ୍ୱର ମଣି ଥିଲେ ବୋଲି କହିଥିଲେ ଏଥିରେ ଆଗାମୀ ସଭାପତି ବିଜୟ କୁମାର ସ୍ୱାଇଁ ପୌରହିତ୍ୟ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତିକ ଥିଲେ ବୋଲି କହିଥିଲେ। ସେହିପରି ଏଥିରେ ଆଇନଜୀବି ଦିବ୍ୟେନ୍ଦୁ ଖଟୁଆ, ଶିକ୍ଷାବିତ ଯଦୁନାଥ ଜେନା, ଖାଉଟି ସୁରକ୍ଷା ରାଜ୍ୟ କର୍ମୀ ଗୋବିନ୍ଦ ଓଝା, ସମାଜସେବୀ ବିଜନ ମହାପାତ୍ର, ଜିଲ୍ଲା ସାମ୍ବାଦିକ ୟୁନିୟନ ସଭାପତି ଶୁଭଙ୍କର ଜେନା, ସାମ୍ବାଦିକ ଦିଲ୍ଲିପ କୁମାର ପଟ୍ଟନାୟକ, ସାମ୍ବାଦିକ ପ୍ରଶାନ୍ତ ସେଠୀ ,ଆଗାମୀ ଓଡିଶା ସଂପାଦକ ଅଧ୍ୟାପକ ଆଶିଷ୍ କୁମାର ଚକ୍ରବର୍ତୀ, ଶିକ୍ଷାବିତ ରବିନ୍ଦ୍ର କୁମାର ମହାପାତ୍ର ଯୋଗଦେଇ ଗୋପବନ୍ଧୁଙ୍କ ଜିବନୀ ପ୍ରତ୍ୟେକ ଛାତ୍ରଛାତ୍ରୀ ପଢିବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ନବୀନଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ନୂଆ ଜ୍ଞାନକୌଶଳରେ ଗ୍ରାମାଞ୍ଚଳକୁ ଉନ୍ନତମାନର କରାଯିବା ସହ ଡ୍ରୋନ୍ ମାଧ୍ୟମରେ ଗାଁର ସବୁ ଲୋକଙ୍କୁ ଭୂସମ୍ପତ୍ତିର ମ୍ୟାପିଂ କରିବା ପାଇଁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ଗାଁରେ ଥିବା ଜମିର ସର୍ଭେ ଏବଂ ଏହାର ରେକର୍ଡ ଅଫ୍ ରାଇଟ୍ ବହୁ ପୁରୁଣା। ଓଡ଼ିଶା ସମେତ ଭାରତରେ ଅନେକ ଜନବସତି ଅଞ୍ଚଳରେ ସର୍ଭେ ହୋଇନାହିଁ। ଫଳସ୍ୱରୂପ ରାଜ୍ୟରେ ଗ୍ରାମାଞ୍ଚଳ ମାନଙ୍କରେ ଭୂସମ୍ପତ୍ତିର ମାଲିକାନାରେ ଥିବା ବ୍ୟକ୍ତି ବିଶେଷମାନଙ୍କ ପାଖରେ ନିଜ ସମ୍ପତ୍ତିର କୌଣସି ଆଇନଗତ ତଥ୍ୟ ନାହିଁ। ସ୍ୱାଧୀନତାର ଅନେକ ଦଶନ୍ଧି ପରେ ମଧ୍ୟ ସଠିକ ଦସ୍ତାବିଜ୍ ନଥିବା କାରଣରୁ ଗାଁ ମାନଙ୍କରେ ଥିବା ବାସଗୃହ ଏବଂ ଜମି ସମ୍ପତ୍ତିର ସଠିକ୍ ସମ୍ଭାବନା ଉପଯୋଗ ହୋଇପାରୁନାହିଁ ଏବଂ ପଡୋଶୀଙ୍କ ମଧ୍ୟରେ ବୁଝାମଣା ଅଭାବ ରହୁଛି। ଏହି ସବୁ ସମସ୍ୟାର ସମାଧାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ୍ ୨୪, ୨୦୨୧ରେ ପିଏମ୍ ସ୍ୱାମୀତ୍ୱ ଯୋଜନା ଶୁଭାରମ୍ଭ କରିଥିଲେ। ଗ୍ରାମାଞ୍ଚଳରେ ଭୂସମ୍ପତ୍ତିର ମାଲିକାନା ସ୍ପଷ୍ଟ କରିବା ଦିଗରେ ଥିଲା ଏହି ସଂସ୍କାରମୂଳକ ପଦକ୍ଷେପ। ଡ୍ରୋନ୍ ଟେକ୍ନୋଲୋଜି ମାଧ୍ୟମରେ ଓ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ତାଙ୍କ ଭୂସମ୍ପତ୍ତିର ରେକର୍ଡ ଅଫ୍ ରାଇଟ୍ ପ୍ରଦାନ କରିବା ଥିଲା ଏହାର ଉଦ୍ଦେଶ୍ୟ।



ଯାହା ଦ୍ୱାରା ସମ୍ପତ୍ତିର ମାଲିକଙ୍କୁ ଆଇନଗତ ମାଲିକାନା କାର୍ଡ ପ୍ରଦାନ କରିବ ଏବଂ ଜନବସତି ଜମିରେ ମାଲିକାନାକୁ ମଧ୍ୟ ସ୍ପଷ୍ଟ କରିବ।

ନାଗରିକ ଏବଂ ପ୍ରଶାସନିକ ଯୋଜନା ଦ୍ୱାରା ବହୁମାତ୍ରାରେ ଲାଭବାନ ହେବ। ଏହି କ୍ରମରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଏହା ଦ୍ୱାରା ଗ୍ରାମାଞ୍ଚଳର ନାଗରିକମାନେ ନିଜ ସମ୍ପତ୍ତିକୁ ଆର୍ଥିକ ଆସେଟ୍ ଭାବେ ବ୍ୟବହାର କରି ଋଣ ନେଇପାରିବେ ଏବଂ ଅନ୍ୟାନ୍ୟ ଆର୍ଥିକ ସୁବିଧା ପାଇପାରିବେ। ଯଦ୍ୱାରା ସେମାନଙ୍କ ମଧ୍ୟରେ ସମ୍ପନ୍ନତା ଆସିବ। ଦ୍ୱିତୀୟତଃ ଟିକସ ନିର୍ଦ୍ଧାରଣ ଦ୍ୱାରା ରାଜ୍ୟକୋଷକୁ ଲାଭ ହେବ। ତୃତୀୟତଃ ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ବିକାଶ ପାଇଁ ସଠିକ୍ ତଥ୍ୟ ରହିବ ଏବଂ ସମ୍ପତ୍ତି ଜନିତ ବିବାଦ ମଧ୍ୟ ହ୍ରାସ ହେବ। ଚତୁର୍ଥତଃ ବନ୍ୟା ଏବଂ ବାତ୍ୟା ପ୍ରଭାବିତ ହେଉଥିବା ଓଡ଼ିଶା ଭଳି ରାଜ୍ୟରେ ସର୍ଭେ ପାଇଁ ଭିତ୍ତିଭୂମି ସୃଷ୍ଟି ହେବ ଏବଂ ଜିଆଇଏସ୍ ମ୍ୟାପ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ସାହାଯ୍ୟ କରିବ। ଏହାବ୍ୟତିତ ଜିଆଇଏସ୍ ମ୍ୟାପ୍ ବ୍ୟବହାର ଦ୍ୱାରା ଗ୍ରାମ ପଞ୍ଚାୟତର ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିହେବ। ଯାହା ଦ୍ୱାରା ଗାଁ ସ୍ତରରେ ବିସ୍ତୃତ ଭାବେ ହୋଇଥିବା ଗ୍ରାମ୍ୟ ଯୋଜନାକୁ ହାସଲ କରିହେବ।

ସୂଚନାକ୍ରମେ ଚଳିତବର୍ଷ ଫେବୃୟାରୀରେ ଓଡ଼ିଶା ସରକାର ସର୍ଭେ ଅଫ୍ ଇଣ୍ଡିଆ ସହ ବୁଝାମଣା ପତ୍ର(ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି ଏବଂ ରାୟଗଡାରେ ଏହାକୁ ପାଇଲଟ୍ ଭିତ୍ତିରେ କାର୍ଯ୍ୟ କରାଯାଉଛି। ମାତ୍ର ରାଜ୍ୟ ରାଜସ୍ୱ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହା ଉପରେ ଯେଉଁ ଗତିରେ କାର୍ଯ୍ୟ କରୁଛନ୍ତି, ଏହା ଦ୍ୱାରା ଏହି ଯୋଜନା ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା କଷ୍ଟକର। ତେଣୁ ଏହି ଯୋଜନା ସହ ଜଡିତ ଅନେକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡିବ ଏବଂ ସର୍ଭେକୁ ସାହାଯ୍ୟ କରିବା ପାଇଁ ରାଜ୍ୟକୁ କଣ୍ଟିନିୟସ୍ ଅପରେଟିଂ ରେଫରେନ୍ସ ଷ୍ଟେସନ(ସିଓଆରଏସ୍)କୁ ଯଥାଶୀଘ୍ର ଅନୁମତି ଦେବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଦର୍ଶାଇଛନ୍ତି।

ଗାଁ ମାନରେ ଥିବା ଭୂସମ୍ପତ୍ତିର ତଥ୍ୟକୁ ଅନିୟମିତା ଏବଂ ସନ୍ଦେହକୁ ଦୂର କରିବା ଏବଂ ଗ୍ରାମାଞ୍ଚଳର ସମ୍ଭାବନାକୁ ବାସ୍ତବର ରୂପ ଦବା ଏବଂ ଜମିଜମା ସମ୍ପତ୍ତିକୁ ବିକାଶ କାର୍ଯ୍ୟରେ ବ୍ୟବହାର କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି। ତେଣୁ ଯୋଜନାର ଲାଭକୁ ଦୃଷ୍ଟିରେ ରଖି ତଥା ଓଡ଼ିଆ ନାଗରିକଙ୍କ ସ୍ୱାର୍ଥ, ଦାରିଦ୍ର୍ୟକୁ ଲଢିବା, ଗରିବଙ୍କ ସମ୍ମାନକୁ ସୁନିଶ୍ଚିତ କରିବା, ଆତ୍ମନିର୍ଭର ଭାରତ ଏବଂ ଗ୍ରାମ୍ୟ ସ୍ୱରାଜକୁ ସାକାର କରିବା ପାଇଁ ପିଏମ୍ ସ୍ୱାମୀତ୍ୱ ଯୋଜନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁମତିଗୁଡିକ ତ୍ୱରାନ୍ୱିତ କରିବାକୁ ବ୍ୟକ୍ତଗତ ହସ୍ତକ୍ଷେପ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

## ଚ୍ୟାନେଲ୍ କହୁଛି, ପ୍ରଶାସନ ବିରୁଦ୍ଧରେ ଖବର ଦିଅ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ପ୍ରଶାସନ ବିରୁଦ୍ଧରେ ଖବର ପଠେଇବାକୁ ଦାବି କରୁଚନ୍ତି କେତେକ ବୈଦ୍ୟୁତିକ ଗଣମାଧ୍ୟମର ମାଲିକ। ଅଫିସରଙ୍କୁ ବ୍ଲାକ୍‌ମେଲ୍ କରିବା ଲାଗି ଏପରି ଲକ୍ଷ ରଖି କହୁଥିବା ଶୁଣାଯାଉଛି। ନ ହେଲେ ସଂପୃକ୍ତ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିଙ୍କୁ ଚ୍ୟାନେଲ୍‌ରୁ ଆଉଟ୍ କରିଦିଆଯାଉଛି। ଯିଏ ପ୍ରଶାସନ ବିରୁଦ୍ଧରେ ଖବର ଦବ ଆମେ ଆମ ଚ୍ୟାନେଲ୍‌ରେ ରଖିବୁ ବୋଲି କୁହାଯାଇ ଜଗତସିଂପୁରରେ ଏବେ ସାମ୍ବାଦିକ ଖୋଜା ଚାଲିଥିବା ଖବର ଘୂରି ବୁଲୁଛି। ବୈଦ୍ୟୁତିକ ଗଣମାଧ୍ୟମ ଏବେ ପ୍ରତିଯୋଗୀତା ମୂଳକ ନ ହୋଇ ସରକାରଙ୍କ ବୋଲକରା ହୋଇଥିବାରୁ ଆମେ ସରକାରଙ୍କ ବିରୋଧୀ ଖବର ବଜେଇ ବା ପ୍ରସାରଣ କରିନା ନେବା ଲକ୍ଷ୍ୟରେ ଏହି ବଦ୍‌ମାସ ନ୍ୟୁଜ୍ ଚ୍ୟାନେଲ୍ ଯୋଜନାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଯେଉଁ ସବୁ ନ୍ୟୁଜ୍ ଚ୍ୟାନେଲ୍ ଏଭଳି ହୀନ ମାନସିକତାରେ ପ୍ରସାଶନ ବିରୁଦ୍ଧରେ ଜବରଦସ୍ତ ନ୍ୟୁଜ୍ ପ୍ରସାରଣ କରିବାକୁ ଚାହୁଛନ୍ତି ସେମାନେ ସବୁ ବଦମାସିଆ ଗୁଡାଙ୍କ ଚ୍ୟାନେଲ୍ ବୋଲି ସାଧାରଣରେ ଅଭିଯୋଗ କରାଯାଉଛି। ସଂପୃକ୍ତ ଚ୍ୟାନେଲ୍‌ର ପ୍ରସାରଣ ଖବରକୁ କେହି ଗୁରୁତ୍ୱ ନ ଦେବା ଲାଗି ଜଗତସିଂହପୁର ଜିଲ୍ଲାବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଉଛି। ସୂଚନା ଥାଉକି ନିକଟରେ ସଂପୃକ୍ତ ଚ୍ୟାନେଲ୍ ଜିଲ୍ଲାର ଜନୈକ ବରିଷ୍ଠ ବଦମାସିଆ ନେତାଙ୍କର ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ବିରୁଦ୍ଧରେ ବିଭ୍ରାନ୍ତିକର ମନ୍ତବ୍ୟ ପ୍ରକାଶକୁ ନେଇ ସଂପୃକ୍ତ ଚ୍ୟାନେଲ୍‌କୁ ଦର୍ଶକମାନେ ନିନ୍ଦା କରୁଥିବା ବେଳେ ମହିଳାମାନେ ଉକ୍ତ ଚ୍ୟାନେଲ୍‌କୁ "ବାଡିପଶା ମରୁନାହାଁନ୍ତି କହି" ଗାଳିଫଜିଲ୍ କରୁଥିବା ଲକ୍ଷ୍ୟ କରାଯାଉଛି।

## ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଆଜି ସୋମବାର(୧୧ ତାରିଖ) ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାର ସ୍ଥିରିକୃତ ହୋଇଛି। ଏହି କ୍ୟାବିନେଟ୍‌ରେ ୧୦ଟିରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି। ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟାନୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟର ବୃହତ୍ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେଇ କେତେକ ପ୍ରକଳ୍ପକୁ ଅନୁମୋଦନ କରାଯିବାର ସମ୍ଭାବନା ରହିଛି। ଏହାବାଦ୍ କେତେକ ବିଭାଗରେ ଚାକିରୀ ନିୟମର ସଂଶୋଧନ ପ୍ରସ୍ତାବ ସହିତ ସ୍ୱସ୍ଥ୍ୟ, ରାଜସ୍ୱ, ସାଧାରଣ ପ୍ରଶାସନ, ଅର୍ଥ, ପୂର୍ତ୍ତ ବିଭାଗ ଭଳି କେତେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାର ସମ୍ଭାବନା ରହିଥିବା ଜଣାପଡୁଛି।

## ବିଧାୟକଙ୍କ ଗାଡିକୁ ବୋମା ମାଡ଼

**କେନ୍ଦୁଝର(ସଂପର୍କବାର୍ତ୍ତା):-** ବିଧାୟକଙ୍କ ଗାଡିକୁ ବୋମା ମାଡ ହୋଇଛି। କେନ୍ଦୁଝର ବିଧାୟକ ମୋହନ ମାଝୀଙ୍କ ଗାଡିକୁ ବୋମା ମାଡ ହୋଇଥିବା ନେଇ ସୂଚନା ମିଳିଛି। ମିଟିଂ ସାରି ଫେରୁଥିବା ବେଳେ ବିଧାୟକ ଗାଡିକୁ ବୋମା ମାଡ ହେଲା। କେନ୍ଦୁଝର ଟାଉନ ଥାନା ମଣ୍ଡୁଆ ନିକଟକରେ ବୋମା ମାଡ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ୨ଟି ବୋମା ମାଡ କରିଥିବା ସୂଚନା ମିଳିଛି। ବୋମା ମାଡରେ ବିଧାୟକଙ୍କ ଗାଡି ସାମାନ୍ୟ କ୍ଷତିଗ୍ରସ୍ତ



ହୋଇଥିବା ବେଳେ ବିଧାୟକ ସୁରକ୍ଷିତ ଅଛନ୍ତି। ତେବେ ଏ ନେଇ ବିଧାୟକଙ୍କ ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। କିଏ ଓ କାହିଁକି ଏମିତି କଲା ସେ ନେଇ କୌଣସି ସୂଚନା ବର୍ତ୍ତସୁଦ୍ଧା ମିଳିନାହିଁ। ବିଧାୟକ ବିଜେପି ଦଳର ସମର୍ଥକ ବୋଲି କୁହାଯାଉଛି।

## ଅତିରିକ୍ତ ଡିଜି ସଞ୍ଜିବ ପଣ୍ଡାଙ୍କୁ ପ୍ରଶଂସା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ରିପୋର୍ଟକୁ ସମଗ୍ର ରାଜ୍ୟବାସୀ ଶୁଣିବା ପରେ ପ୍ରଶଂସା କରୁଛନ୍ତି। କ୍ରାଇମ୍‌ବ୍ରାଞ୍ଚର ରିପୋର୍ଟ ଅନୁସାରେ ସ୍ୱାମୀ ଜଳିଯାଉଥିବା ବେଳେ ଘଟଣାସ୍ଥଳରେ ଚୁପଚାପ୍ ଠିଆ ରହିଥିଲେ ପତ୍ନି, ନିଆଁ ଲିଭାଇବାକୁ ଚାହିଁ ନଥିଲେ, ସେ ଦିଗରେ ବି ଚେଷ୍ଟା କରିନଥିଲେ, କାହାରି ସହଯୋଗ ପାଇଁ କାହାରି ସାହାଯ୍ୟ ଲୋଡିନଥିଲେ। ପାରଳାଖେମୁଣ୍ଡିର ପରଲୋକଗତ ସହକାରୀ ବନସଂରକ୍ଷକ ଏସ୍‌ସିଏଫ୍ ଶ୍ରୀ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ତଦନ୍ତରୁ ଏହି ନିଷ୍କର୍ଷରେ ପହଞ୍ଚିଥିବାର କ୍ରାଇମ୍‌ବ୍ରାଞ୍ଚ ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରକାଶ କରିଥିବାକୁ ପ୍ରାୟ ସମଗ୍ର ରାଜ୍ୟରେ ସର୍ବାଧିକ ଲୋକ ଅବଗତ ହୋଇସାରିଥିବା ଅନୁମାନ କରାଯାଉଛି। ଯାହାଫଳରେ ଡିଜି ଶ୍ରୀ ପଣ୍ଡାଙ୍କୁ ପ୍ରଶଂସା କରୁଥିବା ଶୁଣିବାକୁ ମିଳୁଛି। ସୌମ୍ୟରଞ୍ଜନ ନିଜ କ୍ୱାର୍ଟରରେ ହୁତୁ ହୁତୁ ହୋଇ ଜଳୁଥିବା ସମୟରେ ପାଖରେ ଥିବା ପତ୍ନି ବିଦ୍ୟାଭାରତୀ ପଣ୍ଡା ଛିଡା ହୋଇ ଦେଖିଥିଲେ ମଧ୍ୟ ନିଜେ ନିଆଁ ଲିଭାଇ ନଥିଲେ କିମ୍ବା ହାକାର ସହଯୋଗ ନେଇ ନିଆଁକୁ ଲିଭାବାକୁ ନେଇ ସାମାନ୍ୟ ଉଦ୍ୟମ ବି କରିନଥିଲେ ବୋଲି ଯାହା



ରିପୋର୍ଟରେ କୁହାଯାଉଛି ତାହା ନିରାଟ ସତ କଥା ଏବଂ କ୍ରାଇମ୍‌ବ୍ରାଞ୍ଚ ରିପୋର୍ଟ ବିଶ୍ୱାସଯୋଗ୍ୟ ବୋଲି ସର୍ବାଧିକ ବ୍ୟକ୍ତି ହୃଦୟଙ୍ଗମ କରିଛନ୍ତି।

ଅନ୍ୟପକ୍ଷରେ, ଆଇନ ବିଶାରଦଙ୍କ ମତରେ ବିଦ୍ୟାଭାରତୀଙ୍କ ନାମରେ ଯେଉଁ ଚାର୍ଜସିଟ୍ କରାଯାଇଛି ଏବଂ ତାଙ୍କ ବିରୁଦ୍ଧରେ ଯେଉଁ ଭାରତୀୟ ଦଣ୍ଡବିଧି ଆଇନ୍‌ର ଧାରା ଲଗାଯାଇଛି ତାହା ଯଥେଷ୍ଟ ନୁହେଁ ବୋଲି କୁହାଯାଉଛି। କୁହାଯାଉଛି ହତ୍ୟା କରିବାର ଉଦ୍ଦେଶ୍ୟ ନଥିଲେ ବି ଯଦି କେହି ବ୍ୟକ୍ତି, ନିହତ ବ୍ୟକ୍ତିଙ୍କର ମୃତ୍ୟୁର ଇଚ୍ଛା କରୁଥାଏ, ମୃତ୍ୟୁ ଅବସମ୍ଭାବ୍ୟ ବୋଲି ଜାଣୁଥାଏ, ଜାଣି ସୁଦ୍ଧା ଚୁପ୍ ରହୁଥାଏ ଓ ଉଦ୍ଧାର ପାଇଁ ଉଦ୍ୟମ କରୁନଥାଏ ତେବେ ତେବେ ତା'ର ଉଦ୍ଦେଶ୍ୟ ବା ମୋଟିଭ୍ ଖରାପ ବୋଲି ଥରାଯିବା କଥା! ଏ କ୍ଷେତ୍ରରେ ବିଦ୍ୟାଭାରତୀଙ୍କ ଉଦ୍ଦେଶ୍ୟ ରହସ୍ୟମୟ, ମନ୍ଦ, ଅପରାଧିକ ବୋଲି ସନ୍ଦେହ ହେବା ସ୍ୱଭାବିକ ବୋଲି ଆଇନ ବିଶାରଦମାନେ ଏଭଳି ମତ ରଖୁଥିବା ଗଣମାଧ୍ୟମରେ ପ୍ରକାଶ ପାଉଛି। ତାଙ୍କ ବିରୁଦ୍ଧରେ ଆବଶ୍ୟକ ଅନୁସାରେ ଦଫାଗୁଡିକ ଠିକ୍ ଭାବରେ ଯୋଡା ଯାଇନାହିଁ ବୋଲି ଆଇନ୍ ବିଶାରଦମାନେ ଏପରି ଅଭିଯୋଗ କରୁଛନ୍ତିର ଗଣମାଧ୍ୟମରେ ପ୍ରକାଶ ପାଉଛି। ସେ ଯାହାହେଉ ଏସବୁ ଆଇନ ଭିତରର କଥା ବୋଲି କୁହାଯାଇ ମୋଟାମୋଟି ଭାବେ ଘଟଣାର ପରିସମାପ୍ତି ଘଟିଥିବାରୁ ଡିଜି ଶ୍ରୀ ପଣ୍ଡାଙ୍କୁ ଧନ୍ୟବାଦ ଓ ପ୍ରଶଂସା କରାଯାଉଥିବା ଶୁଣିବାକୁ ମିଳୁଛି।

## ଜେଇଙ୍କୁ କୁକୁର କହିଲେ କେନ୍ଦ୍ର ମନ୍ତ୍ରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜୁନିୟର୍ ଯନ୍ତ୍ରୀଙ୍କୁ ଗୋଲାମ କହି ଗାଳିଗୁଲଜ କଲେ, ଏମିତିକି କୁକୁର କହିବାକୁ ପଛେଇଲେ ନାହିଁ କେନ୍ଦ୍ରମନ୍ତ୍ରୀ। ଟପିଗଲେ ଶାଳିନତାର ସମସ୍ତ ସୀମା। ଏକ ସମୀକ୍ଷା ବୈଠକରେ କେନ୍ଦ୍ର ଆଦିବାସୀ ବ୍ୟାପର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶର ଟୁଡୁ ରାଗିଯାଇ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ଏଭଳିକୁ ତୁମେ କୁକୁର, ତୁମେ କାହାର ଗୋଲାମ ବୋଲି କହିବାକୁ ପଛାଇନଥିଲେ।

କେନ୍ଦୁଝର ଗସ୍ତରେ ଥିବା ବେଳେ ଏଭଳି କେନ୍ଦ୍ରମନ୍ତ୍ରୀ କହିଥିବା ଜଣାପଡିଛି। କେନ୍ଦୁଝର ମନ୍ତ୍ରୀଙ୍କ ସହ ସ୍ଥାନୀୟ ସଦର ବିଧାୟକ ମୋହନ ମାଝୀ ମଧ୍ୟ ଉପସ୍ଥିତ ଥିଲେ। ଚମ୍ପୁଆ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ସମୀକ୍ଷା ବୈଠକରେ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ମାଣ ବିଷୟରେ ପଚାରିଥିଲେ ମୋହନ ମାଝୀ। ଏହି ସମୟରେ ଯନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ରାଗିଯାଇଥିଲେ କେନ୍ଦ୍ରମନ୍ତ୍ରୀ ଟୁଡୁ। ପୁଣି କହିଥିଲେ ମୟୂରଭଞ୍ଜ ଗଲେ କିଭଳି ମାଡ ହେବ ଦେଖିବ। ତୁମେ କାହାର ଗୋଲାମ ବୋଲି ପ୍ରଶ୍ନ କରିଥିଲେ କେନ୍ଦ୍ର ମନ୍ତ୍ରୀ। ଜେଇଙ୍କୁ କୁକୁର ଏବଂ ଅଭଦ୍ର ବୋଲି ମଧ୍ୟ କହିଥିଲେ। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଅଶୋଭନୀୟ ଆଚରଣକୁ ନେଇ ଏବେ ସବୁଆଡେ ଚର୍ଚ୍ଚା ଲାଗି ରହିଥିବା ବେଳେ ବିଭିନ୍ନ ମହଲରେ ଏହାକୁ ଘୋର ନିନ୍ଦା କରାଯାଉଛି।

## କଟକରେ ପୂଜା କଟକଣା, ୩୨ ପ୍ଲାଟୁନ୍ ଫୋର୍ସ ଓ ୧୦୦ ଅଫିସର୍

**କଟକ(ତପନ ମହାନ୍ତି):-** ପୂଜା ପାଇଁ କଟକ ସହରରେ ବ୍ୟାପକ ବ୍ୟବସ୍ଥା। ଦୂର୍ଗା ପୂଜା ଓ ନାଇଟ୍ କର୍ଫ୍ୟୁ ପାଇଁ କଟକ ସହରରେ ୩୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ। ଏହାସହ ୧୦୦ଜଣ ବରିଷ୍ଠ ଅଧିକାରୀ ମୁତୟନ ହେବେ ବୋଲି ଡିସିପି ପ୍ରତିକ ସିଂ ସୂଚନା ଦେଇଛନ୍ତି। ଡିସିପି ଆହୁରି ମଧ୍ୟ କହିଛନ୍ତି ଯେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପୂଜା ମଣ୍ଡପ ଓ ପୀଠରେ କଟକଣା କଡାକଡି କରାଯିବ। ତେବେ ସମସ୍ତ ପୂଜା ମଣ୍ଡପରେ କରୋନା କଟକଣା ମାନି ପୂଜା କରିବାକୁ ପରାମର୍ଶ ଦିଆଯାଇଛି।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



**ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।**

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera